# ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କୁ ମିଳୁନି ପୋଷଣ ଲଡୁ

ଅସ୍ତରଙ୍ଗ,୧୪ା୧୨(ସମିସ)

ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମିଳୁନି ପୋଷଣଯୁକ୍ତ ଲଡୁ। ଯେଉଁ ଉଦ୍ଦେଶ୍ୟରେ ସରକାର ଏହି ଯୋଜନା ପ୍ରଣୟନ କରିଥିଲେ ତାହା କାର୍ଯ୍ୟକାରୀ କରିବାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଅନେକ ବିଦ୍ୟାଳୟରେ ଏହି ସମସ୍ୟା ଦେଖାଦେଇଛି। କିନ୍ତୁ ସରକାରଙ୍କ ଏହି ଯୋଜନା କେତେ କାର୍ଯ୍ୟକାରୀ ହେଉଛି, ଆସୁଥିବା ଅର୍ଥ ଯାଉଛି କାହା ପକେଟକୁ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଛାତ୍ରଛାତ୍ରୀଙ୍କୁ ପୋଷଣ ଲଡୁ ନ ମିଳିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ପିଏମ୍ ପୋଷଣ ଯୋଜନାରେ ସମସ୍ତ ସରକାରୀ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପୋଷଣଯୁକ୍ତ ଲଡୁ ଖାଇବାକୁ ଦିଆଯିବାକୁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଥିଲା। ସପ୍ତାହରେ ତିନି ଦିନ ମଙ୍ଗଳବାର, ଗୁରୁବାର ଓ ଶନିବାର ପ୍ରତି ପିଲାଙ୍କୁ ଗୋଟିଏ ଲେଖାଏଁ ଏହି ଲଡୁ ମିଳିବ। ଏହି ଲଡୁ ମାଣ୍ଡିଆ, ଚିନାବାଦାମ, ଗୁଡ଼, ଘିଅ, ରାଶି ଓ ଅଳେଇଚରେ ପ୍ରସ୍ତୁତ ହେବ ବୋଲି ଚଳିତ ବର୍ଷ ଏପ୍ରିଲ୍ ପହିଲାରେ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମସ୍ତ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ଘୋଷଣା କିଛିଦିନ ଚାଲିବା ପରେ ଏହା ବନ୍ଦ ହୋଇଯାଇଛି। ଅନେକ ବିଦ୍ୟାଳୟରେ କେତେବେଳେ କାଁ ଭାଁ ଦିଆଯାଉଛି। ଅଧିକାଂଶ ବିଦ୍ୟାଳୟରେ ନାହିଁ କହିଲେ ଚଳେ। ଯାହାକି କିଛି ଛାତ୍ରଛାତ୍ରୀ ନାମ ଗୋପନ ରଖି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଲଡୁ ପ୍ରସ୍ତୁତି ପାଇଁ ଅତି କମ୍‌ରେ ୫ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ମିଳୁଥିଲା ମାତ୍ର ୩ ଟଙ୍କା। ଯୋଗାଣକାରୀ ସଂସ୍ଥା ଆର୍ଥିକ କ୍ଷତି ସହୁଥିବାରୁ ଏହାକୁ ବନ୍ଦ କରିଦେଲା ବୋଲି ସେତେବେଳେ ଶୁଣିବାକୁ ମିଳିଲା। ଅନେକ ସ୍ଥାନରେ କେତେକ ବିଦ୍ୟାଳୟରେ ଲଡୁ ବଦଳରେ କଦଳୀ, ମିଠେଇ ଓ ବିସ୍କୁଟ୍ ଆଦି ପିଲାଙ୍କୁ ଦେବାର ନଜିର ରହିଛି। କିନ୍ତୁ ଏହା କ୍ରମଶଃ ହ୍ରାସ ପାଇ ଅନେକ ବିଦ୍ୟାଳୟ ପୋଷଣଯୁକ୍ତ ମଧ ମିଳୁନାହିଁ। ଟଙ୍କା ଚଲୁ କରି ଦେଉଛନ୍ତି ଶିକ୍ଷକଶିକ୍ଷୟିତ୍ରୀ। ଅନ୍ୟପକ୍ଷରେ ଗତ ଏପ୍ରିଲ ପହିଲାରୁ ପ୍ରତି ପିଲାଙ୍କୁ ଅତିରିକ୍ତ ଗୋଟିଏ ଲେଖାଏଁ ଅଣ୍ଡା ଅଧିକ ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି। ଫଳରେ ସୋମବାର, ବୁଧବାର ଓ ଶୁକ୍ରବାର ତିନିଦିନ ପିଲାମାନେ ଅଣ୍ଡା ପାଇବେ। ଏ ବାବଦରେ ପ୍ରତି ଅଣ୍ଡା ପିଛା ୪ ଟଙ୍କା ମିଳୁଥିବାବେଳେ କିଣା ଦର ୬ରୁ ୭ ଟଙ୍କା ରହିଛି। ଫଳରେ ପିଲାମାନଙ୍କୁ ଠିକ୍ ସମୟରେ ଅଣ୍ଡା ଦେବା ସମ୍ଭବ ହେଉନାହିଁ ବୋଲି ଅଧିକାଂଶ ସ୍କୁଲ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ଏ ବାବଦରେ ପାଉଣା ଅନେକ ବିଦ୍ୟାଳୟକୁ ମିଳୁ ନ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଉଭୟ ଅଣ୍ଡା ଓ ଲଡୁ ପରି ପୁଷ୍ଟିକର ଖାଦ୍ୟ ନିରନ୍ତର ଭାବେ ଛାତ୍ରଛାତ୍ରୀଙ୍କୁ ଯୋଗାଇଦେବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀ କହିଛନ୍ତି, ଏ ସମ୍ପର୍କରେ କୌଣସି ଅଭିଯୋଗ ଆସିନି। ସବୁ ବିଦ୍ୟାଳୟ ଗସ୍ତ କରି ତଦନ୍ତ କରାଯିବ। ପ୍ରତ୍ୟେକ ବିଦ୍ୟାଳୟରେ ସଠିକ୍ ଲଡୁ ଓ ଅଣ୍ଡା ପ୍ରଦାନ କରାଯିବ।



# ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ବିରୋଧ

ସାକ୍ଷୀଗୋପାଳ,୧୪ା୧୨(ସମିସ): ମନ୍ତ୍ରୀ, ବିଧାୟକ, ବାଚସ୍ପତି, ଉପବାଚସ୍ପତି, ବିରୋଧୀ ଦଳ ନେତା, ସରକାରୀ ମୁଖ୍ୟ ସଚେତକଙ୍କ ଦରମା ଓ ଅବସରକାଳୀନ ଭତ୍ତା ବୃଦ୍ଧିକୁ ନେଇ ସବୁ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଓଡ଼ିଶା ରାଜ୍ୟ ସମିତିସଭ୍ୟ/ସଭ୍ୟା ମଞ୍ଚର ଭୁବନେଶ୍ୱରର ସାଧାରଣ ସମ୍ପାଦକ ତଥା ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ଅନେକ ସଂଗଠନ ଦୀଘର୍ ଦିନ ଧରି ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ ନିମନ୍ତେ ଆନ୍ଦୋଳନ କରି ଆସୁଛନ୍ତି। ମାତ୍ର ସରକାର ସେମାନଙ୍କ ପ୍ରତି ଏକ ପ୍ରକାର ଆଖି ବନ୍ଦ କରିଦେଇଛନ୍ତି। ଯେଉଁ ଆଧାରରେ ମନ୍ତ୍ରୀ ଓ ବିଧାୟକମାନେ କେବଳ ନିଜ ପଦବୀର ସମ୍ମାନ ପାଇଁ ମୁଖ୍ୟ ଶାସନ ସଚିବ ପାଉଥିବା ଦରମା ଓ ଭତ୍ତାଠାରୁ ଅଧିକ ପାରିଶ୍ରମିକ ରାଶି ବୃଦ୍ଧି କରିଛନ୍ତି; ସେହି ଆଧାରରେ ଜିଲ୍ଲାପାଳଙ୍କଠାରୁ ଜିଲ୍ଲା ପରିଷଦ ସଭାପତି ପଦବୀ ମଧ୍ୟ ବଡ଼। ବ୍ଲକ୍‌ସ୍ତରରେ ବିଡିଓଙ୍କଠାରୁ ବ୍ଲକ୍ ଅଧ୍ୟକ୍ଷଙ୍କ ପଦବୀ ବଡ଼। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଓ ଏଇଇଙ୍କଠାରୁ ଜିଲ୍ଲା ପରିଷଦ ସଦସ୍ୟଙ୍କ ପଦବୀ ବଡ଼। ତେଣୁ ଏମାନଙ୍କ କ୍ଷେତ୍ରରେ ଉକ୍ତ ଆଇନ କାହିଁକି ଲାଗୁ କରାଯାଉ ନାହିଁ। ଅନ୍ୟପଟେ ମନ୍ତ୍ରୀ ଓ ବିଧାୟକମାନେ ଫୋନ୍ ଓ ବହି କିଣା ନିମନ୍ତେ ଯେଉଁ ଭତ୍ତା ନେଉଛନ୍ତି ତାହା ସେମାନେ ବ୍ୟବହାର କରୁଥିବା ଧାର୍ଯ୍ୟ ରାଶିଠାରୁ ଯଥେଷ୍ଟ ଅଧିକ ରହିଛି। ଏଣୁ ସରକାର କେବଳ ନିଜ କଥା ଚିନ୍ତା ନ କରିବା ସହ ନିଆଯାଇଥିବା ନିଷ୍ପତ୍ତିର ପୁନଃବିଚାର ସହ ରାଜ୍ୟର ମଙ୍ଗଳ ହେବା ଭଳି ସକାରାତ୍ମକ ଚିନ୍ତାଧାରା କରିବା ଉଚିତ୍। ନଚେତ୍ ସାଧାରଣ ଲୋକମାନେ ଏହି ମନ୍ତ୍ରୀ ଓ ବିଧାୟକଙ୍କୁ ନିଜ ନିଜ ଅଞ୍ଚଳରେ ତୀବ୍ର ସମାଲୋଚନା କରି ବିରୋଧ କରିବା ସହ ସରକାରଙ୍କୁ କଟୁ ସମାଲୋଚନା କରିବେ ବୋଲି କହିଛନ୍ତି ସମ୍ପାଦକ ସୁନିଲ କୁମାର ପଣ୍ଡା।

# ଚିଲିକା ଗାନ୍ଧୀଙ୍କ ୩୬ତମ ଶ୍ରାଦ୍ଧବାର୍ଷିକୀ



କୃଷ୍ଣପ୍ରସାଦ,୧୪ା୧୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ଚିଲିକା ଗାନ୍ଧୀ ଶିକ୍ଷା ସମନ୍ୱୟ କମିଟି ଆନୁକୂଲ୍ୟରେ ଉଦୟନାଥ ଜେନାଙ୍କ ୩୬ତମ ଶ୍ରାଦ୍ଧବାର୍ଷିକୀ ଚାରିଛକ ବଜାରଠାରେ ପାଳିତ ହୋଇଯାଇଛି। ଉତ୍ସବକୁ ଅବସର ସେନା ତଥା ସମାଜସେବୀ ଦୀପକ କୁମାର ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କୃଷ୍ଣପ୍ରସାଦ ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଚିଲିକା ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ଜେନାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମନ୍ୱୟ କମିଟି ସଭାପତି ଦିଲ୍ଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଜ୍ଞାନଦୀପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଶିକ୍ଷାବିତ୍ ଡ. ଅଭିମନ୍ୟୁ ଜେନା ଓ ଶ୍ରୀଶ୍ରୀ କମଳେଶ୍ୱର ଦେବଙ୍କ ୩୫ ମୌଜା ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ଅନୁଷ୍ଠାନର ସମ୍ପାଦକ ଶିକ୍ଷକ ଅକ୍ଷୟ କୁମାର ସାମନ୍ତସିଂହାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଅଶୋକ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ୮ଟି ଉଚ୍ଚ ବିଦ୍ୟାଳୟ, ୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ କଣ୍ଠ ସଙ୍ଗୀତ, ନୃତ୍ୟ ଓ ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

# ଲକ୍ଷ୍ମୀ ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ




ଚାରିଛକ,୧୪ା୧୨(ସମିସ): ଚାରିଛକ-ଗୋପ ମୁଖ୍ୟରାସ୍ତା ଅଳକୁଣ୍ଡ ଛକ ନିକଟରେ ରବିବାର ସରକାରୀ ଲକ୍ଷ୍ମୀ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ କରମଙ୍ଗ ଗ୍ରାମର ଦିଲ୍ଲୀପ ରାଉତ(୪୫)। ସୂଚନା ମୁତାବକ, ରବିବାର ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ଦିଲ୍ଲୀପ ତାଙ୍କ ପୁଅକୁ ହଷ୍ଟେଲରେ ଛାଡ଼ି ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ତଥା ଚାରିଛକରୁ ଗୋପ ଅଭିମୁଖେ ଯାଉଥିବା ଏକ ସରକାରୀ ଲକ୍ଷ୍ମୀ ବସ୍ ସହିତ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଦିଲ୍ଲୀପ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ପ୍ରବଳ ରକ୍ତସ୍ରାବ ହେବା ଫଳରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଖବର ପାଇ ଚାରିଛକ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ବାଇକ୍ ଆରୋହୀଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାରିଛକ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହିତ ୧୫୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ହେବା ଫଳରେ ବର୍ଷକ ଭିତରେ ୫ରୁ ଅଧିକ ମୂଲ୍ୟବାନ ଜୀବନ ଚାଲିଗଲାଣି। ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହି ରାସ୍ତାକୁ ରେଡ୍ ଜୋନ୍ ଘୋଷଣା କରାଯିବା ସହ ବିଭିନ୍ନ ସ୍ଥାନରେ ସ୍ପିଡ୍ ବ୍ରେକର୍ ନିର୍ମାଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

**ଦୟାନଦୀକୁ ପ୍ରଦୂଷଣ ମୁକ୍ତ ରଖିବାର ଉପାୟ**

# ପ୍ରକଳ୍ପ ନିର୍ମାଣ କରି ହ୍ରିତିକ୍ ସୌରଭ ଜିଲ୍ଲାରେ ପ୍ରଥମ




ପିପିଲି,୧୪ା୧୨(ସମିସ): ଗଙ୍ଗୁଆ ନଦୀରେ ଭୁବନେଶ୍ୱରର ଆବର୍ଜନା, ଦୂଷିତ ମଇଳା ପାଣି ଆସି ଦୟାନଦୀର ଜଳରେ ମିଶି ଦୂଷିତ କରୁଛି ଏବଂ ଏହାର ପାଣିକୁ ବ୍ୟବହାର କରି ଦୟା ଉପକୂଳବର୍ତ୍ତୀ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାର ନିରାକରଣ ନିମନ୍ତେ କିଭଳି ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଦ୍ୱାରା ରିସାଇକେଲିଂ କରାଯାଇ ଦୟାନଦୀର ଜଳକୁ ସ୍ୱଚ୍ଛ କରାଯାଇପାରିବ, ଜଳ ସଂରକ୍ଷଣ ଓ ଏହାର ପରିଚାଳନା ବିଷୟବସ୍ତୁରେ "ଜଳ ଆମ ଜୀବନ' ଏକ ପ୍ରକଳ୍ପ ପୁରୀ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ପିପିଲି ବ୍ଲକ୍‌ର ଗୋବିନ୍ଦପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ହ୍ରିତିକ୍ ସୌରଭ ପ୍ରଧାନ ପ୍ରଦର୍ଶନ କରିଥିଲେ। ଏହା ଜିଲ୍ଲାର ଶ୍ରେଷ୍ଠ ପ୍ରକଳ୍ପ ଭାବେ ମନୋନୀତ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଚଳିତ ମାସର ଶେଷ ସପ୍ତାହରେ କେନ୍ଦୁଝରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଏହା ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାରୁ ପିପିଲି ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। ସେହିଭଳି ଉକ୍ତ ବିଦ୍ୟାଳୟର ଶ୍ରୀୟାଶ୍ୱେତା ମହାପାତ୍ରଙ୍କ ପ୍ରକଳ୍ପ ମଧ୍ୟ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ପିପିଲି ଅଞ୍ଚଳର ବରିଷ୍ଠ ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ପ୍ରଧାନଙ୍କ ପୁଅ ହ୍ରିତିକ୍ ସୌରଭ ପୂର୍ବ ଭାରତ ବିଜ୍ଞାନ ମେଳା ଏବଂ ଜାତୀୟ ବିଜ୍ଞାନ ମେଳାରେ ପୂର୍ବରୁ ସ୍ଥାନିତ କରିଛନ୍ତି। ପୁରୀ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଶାସନ ଦାମୋଦରପୁରଠାରେ ଥିବା ରାମହରି ନୋଡାଲ ବିଦ୍ୟାପୀଠଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ପଠାଣି ସାମନ୍ତ ପ୍ଲାନୋଟୋରିୟମ୍‌ର ପୂର୍ବତନ ନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ମୁଖ୍ୟବକ୍ତା ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଦୁଇ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ମାନିତ କରିଥିବାବେଳେ ପିପିଲି ବିଇଓ ପୀତବାସ ସେଠୀ ଶୁଭେଚ୍ଛା ଜଣାଇଛନ୍ତି।

# ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷା ସଭା

କଣାସ,୧୪ା୧୨(ସମିସ): ବିଦ୍ୟାଳୟ ବାହାରେ ରହିଯାଉଥିବା ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣି ଶିକ୍ଷା ସ୍ରୋତରେ ସାମିଲ୍ କରିବା ଉଦ୍ଦେଶ୍ୟରେ ରାଜ୍ୟ ସାରା ଚାଲିଥିବା 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନ୍ତର୍ଗତ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷା ସଭା ଶନିବାର ଗଡ଼ବଡ଼ପୁଟ ଗ୍ରାମପଞ୍ଚାୟତ ମନ୍ଦାରବସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ଛୋଟିଯୋଡ଼ି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ମମତା ସାହୁଙ୍କ ସଂଯୋଜନାରେ ପ୍ରଧାନଶିକ୍ଷକ କାଶୀନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଶର୍ମିଷ୍ଠା ଛୁଆଳସିଂହ, ମୁଖ୍ୟବକ୍ତା ରୂପେ କଣାସ ବ୍ଲକ୍ ଶିକ୍ଷା ସହ ଅଧିକାରୀ ଗୋବର୍ଦ୍ଧନ ବେହେରା ଓ ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ଚିନ୍ତାମଣି ବୈରୀଗଞ୍ଜନ ଛୋଟିଯୋଡ଼ି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ପାତାଳସିଂହ, ଲଳିତମୋହନ ମହାପାତ୍ର, ସୁରେଖା ସେଠୀ, ଅଙ୍ଗନବାଡ଼ି କର୍ମୀ କୃଷ୍ଣା ରାଉତରାୟ ଓ ସଂଯୁକ୍ତା ପ୍ରଧାନ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ବାହାରେ ରହୁଥିବା ପିଲାମାନଙ୍କୁ ବିଦ୍ୟାଳୟକୁ ଫେରାଇଆଣି ଶିକ୍ଷା ସ୍ରୋତରେ ସାମିଲ୍ କରିବା ପାଇଁ ସରକାରଙ୍କ ଏହି ଆସ ସ୍କୁଲ ଯିବା କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ଅଭିଭାବକମାନେ ସଚେତନ ହେଲେ ଡ୍ରପ୍‌ଆଉଟ୍ ହାର କମିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଅଭିଭାବକ, ଲୋକ ପ୍ରତିନିଧି, ପୂର୍ବତନ ଛାତ୍ରଛାତ୍ରୀମାନେ ସ୍ଥାପିତ ବିଭିନ୍ନ କୋଣ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଏହି ଉତ୍ସବରେ ଅଙ୍ଗନବାଡ଼ି କର୍ମୀ ଓ ସହାୟକଙ୍କ ସହ ଆଞ୍ଚଳିକ ସାଧନ କେନ୍ଦ୍ରର ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ।

**କଣାସ ବ୍ଲକ୍‌ସ୍ତରୀୟ ବିଜେଡି କର୍ମୀଙ୍କ ବୈଠକ**

# ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି



କଣାସ,୧୪ା୧୨(ସମିସ): ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ରବିବାର ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କଣାସ ବ୍ଲକ୍ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶିଳକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ନୂଆପଡ଼ା ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୪ନଂ ଜିଲ୍ଲା ପରିଷଦ ସଭ୍ୟ ଭୀମସେନ ପାଇକରାୟ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଧିରେନ ରଣହାନ୍ଦଳ, ପୂର୍ବତନ ସରପଞ୍ଚ ରାଜକିଶୋର ରଣସିଂହ, ବିରାଟ ବଳବନ୍ତରାୟ, ପ୍ରଶନ୍ନ କୁମାର ସେଠୀ, ବରିଷ୍ଠ ବିଜେଡି ନେତା ଶିଖର ବାରିକ, ବାବୁଲି ଦାସ, ପ୍ରଶନ୍ନ ପଟ୍ଟନାୟକ, ବାବୁଲି ବିଶ୍ୱାଳ, ହରିହର ପଲେଇ, ରଙ୍କନିଧି ବେହେରା, ମେହେଶ୍ୱର ବୈରୀଗଞ୍ଜନ, ନଳିନୀ ପ୍ରଧାନ, ନନ୍ଦ ମାନସିଂହଙ୍କ ସମେତ କଣାସ ବ୍ଲକ୍‌ର ୨୮ଟି ଗ୍ରାମପଞ୍ଚାୟତରୁ ଶତାଧିକ କର୍ମୀ ଓ ଲୋକ ପ୍ରତିନିଧି ଯୋଗଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ପୂର୍ବଭଳି କିପରି ଅଧିକ ସଂଖ୍ୟାରେ ବିଜେଡି ଜନ ପ୍ରତିନିଧିମାନେ ବିଜୟୀ ହେବେ ସେ ସମ୍ପର୍କରେ ଟିକିନିଖି ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏକ ବଡ଼ଧରଣର କର୍ମୀ ସମ୍ମିଳନୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

**● ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଣଭୋଜି ଘଟଣା**

# ଜିଲ୍ଲାପାଳଙ୍କ ରିପୋର୍ଟ ପରେ ହେବ କାର୍ଯ୍ୟାନୁଷ୍ଠାନ: ଶିକ୍ଷା ନିର୍ଦ୍ଦେଶିକା

ନୟାହାଟ,୧୪ା୧୨(ସମିସ): ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିକ୍‌ନିକ୍ ଯିବା ସମ୍ପର୍କରେ ଉପଜିଲ୍ଲାପାଳ, ଶିକ୍ଷା ନିର୍ଦ୍ଦେଶକ ଜାଣି ନାହାନ୍ତି। ପୁରୀ ଜିଲ୍ଲାପାଳ ଏନେଇ ରିପୋର୍ଟ ଦେବା ପରେ ଉଚ୍ଚ ମାଧ୍ୟମିକ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୁବନେଶ୍ୱରରେ ଥିବା ଶିକ୍ଷା ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଏଠାରେ ଅଧ୍ୟକ୍ଷ ନିଜେ ଖସିବା ପାଇଁ ଯାଜପୁର ଜିଲ୍ଲାକୁ କେତେକ ଛାତ୍ରଛାତ୍ରୀଙ୍କୁ ନେଇ ପିକ୍‌ନିକ୍ କରିବାକୁ କଲେଜ କାର୍ଯ୍ୟ ଦିବସରେ ଯାଇଥିଲେ। ଫଳରେ କଲେଜ ବନ୍ଦ ରହିଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଶିକ୍ଷା ନିର୍ଦ୍ଦେଶିକା ଶ୍ରୀମତୀ ପଟ୍ଟନାୟକ ପୁରୀ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଇ ଏକ ଟିମ୍ ଗଠନ କରି ତଦନ୍ତ କରିବାକୁ କହିଥିଲେ। ତଦନ୍ତ ଅଦ୍ୟାବଧି ହୋଇ ନ ଥିବାବେଳେ କଲେଜର ଜନୈକ ଅଧ୍ୟାପକଙ୍କ ବିରୋଧରେ କଲେଜର କର୍ତ୍ତୃପକ୍ଷ କେତେକ ବ୍ୟକ୍ତିବିଶେଷଙ୍କଠାରୁ ଦସ୍ତଖତ କରାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଭାପତି ଦାୟିତ୍ୱରେ ଥିବା ପୁରୀ ଉପଜିଲ୍ଲାପାଳଙ୍କୁ ଦେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ନିଜେ ଖସିବା ପାଇଁ ଏସବୁ କାମ ଚଳାଇଥିବାବେଳେ ଦସ୍ତଖତ କରିଥିବା ଜନୈକ ସମାଜସେବୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ମୁ ଜାଣିନି ଅଧ୍ୟାପକ ଉପଜିଲ୍ଲାପାଳଙ୍କୁ ଜଣାଇବା ପାଇଁ ମୋଠାରୁ ଦସ୍ତଖତ ନେଇଛନ୍ତି। ଶିକ୍ଷା ନିର୍ଦ୍ଦେଶିକା ଶ୍ରୀମତୀ ପଟ୍ଟନାୟକ କହିଛନ୍ତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତାଲା ପଡ଼ିବା ଘଟଣା ମୁଁ ଜାଣିଛି। ବିଳମ୍ବ ହେଲେ ବି କାର୍ଯ୍ୟାନୁଷ୍ଠାନ ନିଆଯିବ।

**ସଙ୍କୁଳସ୍ତରୀୟ କ୍ରୀଡ଼ା ସମାରୋହ**

# 'ପାଠପଢ଼ା ସହ ଖେଳକୁଦ ଜରୁରୀ'

ଗୋପ,୧୪ା୧୨(ସମିସ): ଗୋପ ବ୍ଲକ୍ ଅଧୀନ ହାପି କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ କ୍ରୀଡ଼ା ସମାରୋହ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଗୋପ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ଶିଶୁ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସମାଜସେବୀ ତଥା ଶିକ୍ଷାବିତ୍ ରମାକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କମିଟି ପୂର୍ବତନ କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ପଟ୍ଟନାୟକ, ସଦସ୍ୟା ପ୍ରମୋଦିନୀ ସାହୁ, ପ୍ରଣତୀ ଶତପଥୀ, ୭ଟି ବିଦ୍ୟାଳୟରୁ ଆସିଥିବା ସମସ୍ତ ପ୍ରଧାନଆଚାର୍ଯ୍ୟ, ଆଚାର୍ଯ୍ୟ, ଆଚାର୍ଯ୍ୟା ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବରେ ଶତାଧିକ ଶିଶୁ କ୍ରୀଡ଼ାବିତ୍ ଭାଇଭଉଣୀ ଯୋଗଦେଇ ପ୍ରାୟ ୪୬ଟି ବିଭାଗରେ ନିଜ ନିଜର କ୍ରୀଡ଼ା ଦକ୍ଷତା ପ୍ରତିପାଦନ କରିଥିଲେ। କ୍ରୀଡ଼ା ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଂସଦଙ୍କ ଗୋପ ବ୍ଲକ୍ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ବିଦ୍ୟାଳୟର



ଉଦ୍‌ଘାଟନ କରି ପାଠପଢ଼ା ସହ ଖେଳକୁଦ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମ୍ପାଦକ ସନତ୍ ସେନାପତି, ଉପସଭାପତି ବାଳକୃଷ୍ଣ ସେନାପତି, ସହସମ୍ପାଦକ ପବିତ୍ର ଦାସ, କୋଷାଧ୍ୟକ୍ଷ ଶାଶ୍ୱତ ରଞ୍ଜନ ପ୍ରଧାନ, ସଙ୍କୁଳ ପ୍ରମୁଖ ବାବୁଲି ମହାପାତ୍ର, ସଙ୍କୁଳ ସଂଯୋଜକ ସଞ୍ଜୟ ପ୍ରଧାନ, ଗୋପ କଲେଜ ଅଧ୍ୟାପକ ସୌମ୍ୟରଞ୍ଜନ ନାୟକ, ବିଦ୍ୟାଳୟ ବିଦ୍ୟୁତ୍ ପରିଷଦର ସଭାପତି ରବୀନ୍ଦ୍ରନାଥ ପ୍ରଧାନ, ପରିଚାଳନା ପୂର୍ବତନ ସମ୍ପାଦକ ସତ୍ୟନାରାୟଣ ସେନାପତି ପ୍ରମୁଖ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ତୋଫାନ ଦଳାଇ ଅତିଥି ପରିଚୟ ପ୍ରଦାନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା ପରିଚାଳନା କରିଥିବାବେଳେ କୋଣାର୍କ ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ମେଘନାଦ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

**ଅନ୍ଧାରରେ ପର୍ଯ୍ୟଟନସ୍ଥଳୀ ଦେଉଳି ମଠ**

# ୧୦ ବର୍ଷ ହେଲା ୧୨ ଷ୍ଟ୍ରିଟ୍‌ଲାଇଟ୍ ଅଚଳ



କୁଣ୍ଢେଇ,୧୪ା୧୨(ସମିସ): ପୁରୀ ଶ୍ରୀମନ୍ଦିର ସଂସ୍କୃତି ସହିତ କାକଟପୁର ଦେଉଳି ମଠର ଏକ ନିବିଡ଼ ସମ୍ପର୍କ ରହିଛି। ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ଜଗନ୍ନାଥ ମନ୍ଦିରରେ ପୁରୁଣା ଶରୀର ତେଜି ନୂତନ ଶରୀର ଧାରଣ କରିବାକୁ ନବକଳେବର କୁହାଯାଏ। ପରମ୍ପରା ଅନୁସାରେ, ଯେଉଁ ବର୍ଷ ଯୋଡ଼ା ଆଷାଢ଼ ପଡ଼େ ସେହିବର୍ଷ ନବକଳେବର ପାଳନ କରାଯାଏ। ଯୋଡ଼ା ଆଷାଢ଼ ସାଧାରଣତଃ ୮, ୧୨ କିମ୍ବା ୧୯ ବର୍ଷରେ ପଡ଼ିଥାଏ। ଏଥର ୧୯ ବର୍ଷ ପରେ ୨୦୩୪ ମସିହାରେ ନବକଳେବର ହେବାକୁ ଯାଉଛି। ଜଗନ୍ନାଥଙ୍କ ନବକଳେବର ସମୟରେ ପର୍ଯ୍ୟଟନସ୍ଥଳୀ ଦେଉଳି ମଠ ପାଲଟିଯାଏ ଶ୍ରୀକ୍ଷେତ୍ର। ୨୦୧୫ ନବକଳେବର ସମୟରେ ଦେଉଳି ମଠକୁ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରାଯିବା ପରେ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଦେଉଳି ମଠର ଉନ୍ନତୀକରଣ କରାଯାଇଥିଲା। ଏହି ସମୟରେ ମଠ ଭିତରେ ଓ ବାହାର ପାର୍କିଂ ସ୍ଥାନରେ ୧୦ରୁ ଉର୍ଦ୍ଧ୍ୱ ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ଏହି ଲାଇଟ୍‌ଗୁଡ଼ିକ କିଛି ମାସ ଜଳିବା ପରେ ୨୦୧୬ରୁ ଦୀର୍ଘ ୧୦ ବର୍ଷ ହେଲା ଅଚଳ ହୋଇ ପଡ଼ିରହିଛି। ଅନ୍ଧାର ଯୋଗୁଁ ସନ୍ଧ୍ୟା ହେଲେ ମଠ ରାସ୍ତା ଓ ପାର୍କିଂ ସ୍ଥାନରେ ନିଶାଡ଼ିଙ୍କ ଆଡ୍ଡା ଜମୁଛି। ରକ୍ଷଣାବେକ୍ଷଣ ଅଭାବରୁ ଲାଗିଥିବା ସମସ୍ତ ୧୨ଟି ଷ୍ଟ୍ରିଟ୍‌ଲାଇଟ୍ ଅଚଳ ହୋଇ ଝୁଲି ରହି ନଷ୍ଟ ହେବାରେ ଲାଗିଛି। ଫଳରେ ପର୍ଯ୍ୟଟନସ୍ଥଳୀ ଦେଉଳି ମଠ ଏବେ ଅନ୍ଧାରରେ ରହିଛି।



ଦେଉଳି ମଠ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇବା ପରେ ଏଠାରେ ପ୍ରତିଦିନ ବିବାହ, ବ୍ରତ, ଜନ୍ମ ଦିନ ତଥା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆସି ବନ୍ଧୁମିଳନ ଉତ୍ସବ ପାଳନ କରିଥା'ନ୍ତି। ଏଥିପାଇଁ କାକଟପୁର ବ୍ଲକ୍ ପ୍ରଶାସନ ରସିଦ୍ ମାଧ୍ୟମରେ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି। ହେଲେ ୧୦ ବର୍ଷ ହେଲା ମଠରେ ଲାଗିଥିବା ୧୨ଟି ଲାଇଟ୍ ଅଚଳ ହୋଇ ପଡ଼ିରହିଛି। ନା ହେଉଛି ମରାମତି ନା ଜଳୁଛି ଲାଇଟ୍। ସନ୍ଧ୍ୟା ହୋଇଗଲେ ଏହି ପବିତ୍ର ସ୍ଥାନକୁ ଦୈନନ୍ଦିନ ପ୍ରଭୁ ବାସୁଦେବ ଓ ଜଗନ୍ନଥଙ୍କ ରଥ ଚକ ଦର୍ଶନ ପାଇଁ ଆସୁଥିବା ଶହଶହ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସର୍ବସାଧାରଣ ଜନତା ଅନ୍ଧାର ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ୨୦୧୫ ନବକଳେବର ସରିବା ପରେ ପର୍ଯ୍ୟଟନସ୍ଥଳ ଦେଉଳି ମଠରେ ଲଗାଯାଇଥିବା ଲାଇଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ବାସ୍ତବରେ କାହା ହାତରେ ଅଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିବା ସହିତ ଉଦ୍‌ବେଗ ପ୍ରକାଶ ପାଉଛି। ବିବାହ, ବ୍ରତ, ଜନ୍ମ ଦିନ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହେଉଥିବାବେଳେ ଲାଗିଥିବା ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକ ରକ୍ଷଣାବେକ୍ଷଣ ନ ହେବା ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିବା ସହିତ ଉଦ୍‌ବେଗ ପ୍ରକାଶ ପାଉଛି। ପୁରୀ ଜିଲ୍ଲାପାଳ ତଥା ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ଯଥାଶୀଘ୍ର ଅଚଳ ଓ ଅକାମୀ ହୋଇ ପଡ଼ିରହିଥିବା ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକୁ ସଚଳ ଓ କାର୍ଯ୍ୟକ୍ଷମ କରିବା ପାଇଁ ବିହୀତ ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୧୪/୧୨/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୧୭,୪୧୧/-
ସୁନା: ୧୫.୮୦୦ ଗ୍ରାମ୍
ରୁପା: ୩୨.୦୦୦ ଗ୍ରାମ୍



### ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ

## ଶିଶୁ ଭିତରେ ସୁଗୁଣ ପ୍ରତିଭାର ବିକାଶ ପାଇଁ ପରାମର୍ଶ

ପୁରୀ, ୧୪।୧୨(ସମିସ)

'ଶିଶୁ ମହୋତ୍ସବ ଟ୍ରଷ୍ଟ' ଆନୁକୂଲ୍ୟରେ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ଦୁଇଦିନିଆ ଏକ ବିଂଶତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ଯୋଗଦେଇଥିବା ବେଳେ ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, ପୁରୀ ସଦର ଉପ ଆରକ୍ଷୀ ଅଧୀକ୍ଷକ ରବି ନାରାୟଣ ଭଞ୍ଜ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭାମାନଙ୍କର ପ୍ରତିଭା ପ୍ରଦର୍ଶନକୁ ଭୂୟସୀ ପ୍ରଶଂସା କରିଥିଲେ। ଶିଶୁ ହେଉଛି କୁସୁମ କଳିକା ଓ ଏହା ଭିତରେ ଅନେକ ସମ୍ଭାବନା ଭରି ରହିଛି। ଗୁରୁ ଓ ଅଭିଭାବକମାନେ ଶିଶୁଟିକୁ ସୁନାଗରିକ ଭାବେ ଗଢ଼ିବା ସହିତ ତା' ଭିତରେ ସୁଗୁଣ ଓ ପ୍ରତିଭାରାଜିର ବିକାଶ ପାଇଁ ଯତ୍ନବାନ ହେଲେ ଦେଶ ହସିବ ଓ ମାନବ ସମାଜ ସମୃଦ୍ଧ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଶଙ୍ଖମିତ୍ର ସିଂହାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଆବାହକ ସୁଧାଂଶୁ ଭୂଷଣ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ।



ଏହି ଅବସରରେ ସଙ୍ଗୀତଗୁରୁ କୁମାର ଭଗବାନ, ଓଡ଼ିଶୀ ନୃତ୍ୟଗୁରୁ ଭାଗ୍ୟଶ୍ରୀ ଦାସ ଏବଂ ଶିଶୁ ନୃତ୍ୟଶିଳ୍ପୀ ଅର୍ଚ୍ଚିତା ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଅଂଶଗ୍ରହଣକାରୀ ଶିଶୁ କଳାକାରମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲୋକ ସମ୍ପର୍କ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିବାବେଳେ କୋଷାଧ୍ୟକ୍ଷ ପ୍ରଶାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମ ଅବସରରେ ଶିଶୁଶିଳ୍ପୀମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ବୃନ୍ଦ ତବଲା ବାଦନ, ଏକକ ସଙ୍ଗୀତ, ଓଡ଼ିଶୀ ମେଳ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ନୃତ୍ୟ ରୂପକ ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଓ ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ, ସାଂସ୍କୃତିକ ସମ୍ପାଦକ ଅମରେଶ୍ୱର ମହାପାତ୍ର, ସୁକାନ୍ତ ପଣ୍ଡା, ପ୍ରବୀର ଶତପଥୀ, ପ୍ରଭାକର ସାହୁ, ଜିତେନ୍ଦ୍ର କୁମାର ମିଶ୍ର, ଅନ୍ନପୂର୍ଣ୍ଣା ଦେବୀ, ସୋନାଲି ମଧୁସ୍ମିତା ମହାନ୍ତି, କରବୀ ରଥ, ରଶ୍ମିରଞ୍ଜନ ତ୍ରିପାଠୀ, ରାଜେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଥାଉ କି, ଏହି ଦ୍ୱିଦିବସୀୟ ମହୋତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩୫୦ ଶିଶୁ କଳାକାର ଯୋଗଦେଇଥିଲେ।

## ଅଭିନେତ୍ରୀ ସୋନାଲିଙ୍କ ସ୍ୱାମୀ ଗିରଫ

ପୁରୀ, ୧୪।୧୨(ସମିସ): ତୁଳସୀ ଗଣନାଟ୍ୟର ଅଭିନେତ୍ରୀ ସୋନାଲି ପଣ୍ଡାଙ୍କ ଅଭିଯୋଗକ୍ରମେ ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ସାମନ୍ତସିଂହାରଙ୍କୁ ଗିରଫ କରିଛି ପୁରୀ ପୁଲିସ। ରବିବାର କୃଷ୍ଣପ୍ରସାଦ ଥାନା ପୁଲିସ ଶ୍ରୀକ୍ଷେତ୍ରଙ୍କୁ ଭୁବନେଶ୍ୱରରୁ ଗିରଫ କରି ପୁରୀ ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ, କିଛି ମାସ ହେବ ସାରା ରାଜ୍ୟରେ ତୁଳସୀ ଗଣନାଟ୍ୟର ନାୟିକା ସୋନାଲି ପଣ୍ଡା ଓରଫ କାଗଜି ପଲେଇ ଏବଂ ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ସାମନ୍ତସିଂହାର ଓରଫ ଜନଙ୍କ ବିବାଦ ନେଇ ଚର୍ଚ୍ଚା ଲାଗିରହିଛି। ଯାତ୍ରା ପାର୍ଟିର ମାଲିକ ଓ ଶ୍ରୀକ୍ଷେତ୍ର ମଧ୍ୟରେ ବିବାଦ ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଥିଲା। ସୋନାଲି ଏବଂ ଶ୍ରୀକ୍ଷେତ୍ର ଉଭୟଙ୍କ ଘର କୃଷ୍ଣପ୍ରସାଦ ବ୍ଲକରେ ଅଟେ। ବିବାଦକୁ ନେଇ ସୋନାଲି ଗତ ଅଗଷ୍ଟ ୪ ତାରିଖରେ କୃଷ୍ଣପ୍ରସାଦ ଥାନାରେ ଶ୍ରୀକ୍ଷେତ୍ରଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ କରିଥିଲେ। ତେବେ ଘଟଣା ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇ କହିଛନ୍ତି କି, ଗତ ଅଗଷ୍ଟ ୪ରେ କୃଷ୍ଣପ୍ରସାଦ ଥାନାରେ ଜଣେ ମହିଳାଙ୍କ ପକ୍ଷରୁ ଶ୍ରୀକ୍ଷେତ୍ର ବିରୋଧରେ ଅଭିଯୋଗ ହୋଇଥିଲା କି ୨୦୧୨ରେ ସେ ନାବାଳିକା ଥିବାବେଳେ ଶ୍ରୀକ୍ଷେତ୍ରଙ୍କ ସହ ସମ୍ପର୍କ ରହିଥିଲା। ସେ ନାବଳିକା ଥିବାବେଳେ ତାଙ୍କର ଏକ ପୁଅ ହୋଇଥିଲା। ଶ୍ରୀକ୍ଷେତ୍ର ତାଙ୍କୁ ଘରେ ରଖିଥିଲେ ପରେ ତୁଳସୀ ଗଣ୍ୟନାଟ୍ୟକୁ ନେଇଥିଲେ। ସେଠାରେ ଦୁହିଁଙ୍କର ସମ୍ପର୍କ ଭାଙ୍ଗିଯାଇଥିଲା। ଶ୍ରୀକ୍ଷେତ୍ର ତାଙ୍କୁ ଧରାଛୁଆଁ ଦେଇ ନ ଥିଲେ। ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଯାହାକୁ ନେଇ ସୋନାଲି ଏକ ମାମଲା ରୁଜୁ କରିଥିଲେ କୃଷ୍ଣପ୍ରସାଦ ଥାନାରେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ଭୁବନେଶ୍ୱରରୁ ଶ୍ରୀକ୍ଷେତ୍ରଙ୍କୁ ଗିରଫ କରି ପୁରୀ ଆଣିବା ସହ କୋର୍ଟ ଚାଲାଣ କରାଯାଇଛି।

## ମେଘନାଦ ପାଚେରିରୁ ଝରୁଛି ପାଣି

ପୁରୀ, ୧୪।୧୨(ସମିସ): ଶ୍ରୀମନ୍ଦିର ମେଘନାଦ ପାଚେରିରୁ ପୁଣି ପାଣି ଝରୁଛି। ତେଣୁ ଏହାର ସ୍ଥାୟୀ ସଂରକ୍ଷଣ ନିମନ୍ତେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ପୁନଃ ଦୃଷ୍ଟି ଆକର୍ଷଣ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଏଏସ୍‌ଆଇର ମାର୍ଗଦର୍ଶନରେ



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜରୁରୀ ମରାମତି ପାଇଁ ପଦକ୍ଷେପ ନେବାକୁ ରବିବାର ପତ୍ର ଲେଖି ପ୍ରସ୍ତାବ ରଖିଛନ୍ତି ମୁଖ୍ୟ ପ୍ରଶାସକ। ଏଥିସହିତ ମେଘନାଦ ପ୍ରାଚୀରର ପାଣି ଝରିବାର କାରଣ ଏବଂ ଏହାର ସ୍ଥାୟୀ ନିରାକରଣ ନିମନ୍ତେ ଏଏସ୍‌ଆଇ ପକ୍ଷରୁ ବୈଜ୍ଞାନିକ ଉପାୟରେ ସର୍ଭେ ତଥା ପଦକ୍ଷେପ ଗ୍ରହଣ କରାଯିବାକୁ ଚିଠିରେ ଗୁରୁତ୍ୱାରୋପ କରିଛନ୍ତି।

ମେଘନାଦ ପାଚେରିର ସୁରକ୍ଷା ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପତ୍ର ସଂଖ୍ୟା ୧୭୮୦୦ ତା. ୧୪.୧୨.୨୦୨୫ କ୍ରମେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଗତବର୍ଷ ମେଘନାଦ ପ୍ରାଚୀରରେ ପାଣି ଝରିବା ସାମ୍ନାକୁ ଆସିଥିଲା। ସେତେବେଳେ ଏଏସ୍‌ଆଇ କର୍ତ୍ତୃପକ୍ଷ ଏହାର

**ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଲେ ମୁଖ୍ୟ ପ୍ରଶାସକ**

ସ୍ଥାୟୀ ମରାମତି ତଥା ନିରାକରଣ ପାଇଁ ପଦକ୍ଷେପ ନେବାକୁ ଅବଗତ କରାଯାଇଥିଲା। ସେତେବେଳେ ଏଏସ୍‌ଆଇ ମାର୍ଗଦର୍ଶନରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମରାମତି କରାଯାଇଥିଲା। କିନ୍ତୁ ଏହା ପରେ ବି ପୁଣିଥରେ ମେଘନାଦ ପାଚେରିରୁ ପାଣି ଝରିବା ସହ କିଛି ଅଂଶ ସନ୍ତସନ୍ତିଆ ରହୁଛି। ଶ୍ରୀମନ୍ଦିର ସୁରକ୍ଷାର ସବୁଠାରୁ ଅନ୍ୟତମ ତଥା ଗୁରୁତ୍ୱପୂର୍ଣ୍ଣ ହେଲା ମେଘନାଦ ପ୍ରାଚୀର। ତେଣୁ ଏହାର ସୁରକ୍ଷା ପାଇଁ ଏଏସ୍‌ଆଇ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଚିଠି ମାଧ୍ୟମରେ ଜଣାଇଛନ୍ତି।

## ଶ୍ରୀପଦ୍ମାଳୟା ମହୋତ୍ସବରେ ଗୁରୁଙ୍କୁ ସମ୍ବର୍ଦ୍ଧନା

ପୁରୀ, ୧୪।୧୨(ସମିସ): ସ୍ଥାନୀୟ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ରବିବାର ଲିଙ୍ଗରାଜ କଳା ନିକେତନ ଦ୍ୱାରା ଆୟୋଜିତ ଶ୍ରୀପଦ୍ମାଳୟା ଦ୍ୱିତୀୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ବରିଷ୍ଠ ସେବାୟତ ରବିନାରାୟଣ ଦାଶ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ପ୍ରତିଷ୍ଠାତା ଗୁରୁ ଧବଳେଶ୍ୱର ମିଶ୍ର, ଉପାଧ୍ୟକ୍ଷ ଲୋକନାଥ ମିଶ୍ର, ମୁଖ୍ୟ ଉପଦେଷ୍ଟା ଶୁକଦେବ ମହାନ୍ତି, ମୁଖ୍ୟ ପରାମର୍ଶଦାତା ଧୀରେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ସଭା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଶିଷ୍ଟ ଗୁରୁମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୃତ୍ୟ ଗୁରୁ ମନୋଜ କୁମାର ପ୍ରଧାନଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଦଳଗତ ଓଡ଼ିଶୀ ନୃତ୍ୟ ନାଟିକା ଗଙ୍ଗା ଅବତରଣ ପରିବେଷଣ କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବରେ ଗୁରୁ ରବିନାରାୟଣ ଦାଶ, ଗୁରୁ ପ୍ରକାଶ କୁମାର ରଥ, ଗୁରୁ ଚିରସ୍ରୋତା ଖୁଣ୍ଟିଆ ଏବଂ ଗୁରୁ ଗାୟତ୍ରୀ ରଣବୀରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ର ମହୋତ୍ସବର ଉଦ୍ଦେଶ୍ୟ, ଆଭିମୁଖ୍ୟ ବିବରଣୀ ପାଠ କରିଥିବାବେଳେ ଉଦ୍‌ଘୋଷକ ବିଶ୍ୱଜିତ୍ ବଳିୟାରସିଂ, କୋଷାଧ୍ୟକ୍ଷ ସାରଦା ପ୍ରସନ୍ନ ମିଶ୍ର, ଲକ୍ଷ୍ମୀପ୍ରିୟା ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।ss



## ୫୦ ଗ୍ରାମ୍ ଧଳାଜହର ଜବତ, ୩ ଗିରଫ

ପୁରୀ, ୧୪।୧୨ (ସମିସ): ପୁରୀ ସହରରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଧରପଗଡ଼ ଚାଲିଛି। ବିଭିନ୍ନ ସମୟରେ ନିଶା ବେପାରୀ ଗିରଫ ହେଉଛନ୍ତି। ଏହାସତ୍ତ୍ୱେ ଏହାର ପ୍ରଭାବ ବେଆଇନ ନିଶା କାରବାର କରୁଥିବା ବ୍ୟକ୍ତିଙ୍କ ଉପରେ ପଡୁନାହିଁ। ଯେଉଁଥିପାଇଁ ପ୍ରାୟ ପ୍ରତିଦିନ ଏହି ମାମଲାରେ ଅଭିଯୁକ୍ତ ଧରାପଡୁଛନ୍ତି। ରବିବାର ଟାଉନ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିବା ସହ ୫୦.୧୬ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଛି। ଏହି ଅଭିଯୁକ୍ତମାନେ ହେଲେ ବ୍ରାଉନ୍‌ସୁଗର ଯୋଗାଉଥିବା ପାରାନୋଳିଆ ସାହିର ଭବାନୀ ଶଙ୍କର ନାୟକ, ଦୁଇ ବେପାରୀ ଦାମୋଦର ରୋଡ୍ ହରଚଣ୍ଡୀ ଲେନ୍‌ର ବଳଭଦ୍ର ଜେନା ଏବଂ ପଞ୍ଚୁବଟି ଶ୍ରୀରାମ ନଗରର ଭଗବାନ ମଲ୍ଲିକ। ପୁଲିସ ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ପ୍ରାୟ ୧୦ଟା ୧୦ରେ ପାରାନୋଳିଆ ସାହି ବାବାଜୀ ପୋଖରୀ ନିକଟରେ ଧଳାଜହର କାରବାର ହେଉଥିବା ପୁଲିସ ନିକଟରେ ଖବର ପହଞ୍ଚିଥିଲା। ସଙ୍ଗେ ସଙ୍ଗେ ଟାଉନ୍ ଥାନାର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ଚଢ଼ଉ କରି ୩ ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ୫୦.୧୬ ଗ୍ରାମ୍ ବ୍ରାଉନ୍‌ସୁଗର, ୨୫୦୦ ଟଙ୍କା, ଗୋଟିଏ ବାଇକ୍ ଏବଂ ୨ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବାରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍‌କୁ ପଠାଇ ଦିଆଯାଇଛି।

## ୨୦ରୁ ବେଳାଭୂମିରେ ଦୁଇଦିନିଆ ପୁରୀ ମହୋତ୍ସବ




ପୁରୀ, ୧୪।୧୨(ସମିସ): ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ଆସନ୍ତା ୨୦ ଓ ୨୧ ତାରିଖ ଦୁଇଦିନ ଧରି ପୁରୀ ମହୋତ୍ସବ ବେଳାଭୂମିଠାରେ ଅନୁଷ୍ଠିତ ହେବ। ଏ ନେଇ ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବର ରୂପରେଖ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ମଞ୍ଚର ସଭାପତି ବିନୋଦ କୁମାର ପଣ୍ଡା, ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ପୃଷ୍ଟି, ବରିଷ୍ଠ ସେବାୟତ ରବି ନାରାୟଣ ପ୍ରତିହାରୀ, ମାଟିମଣ୍ଡପ ସାହି ଆଖଡ଼ାର ସଭାପତି ଶ୍ୟାମସୁନ୍ଦର ମହାପାତ୍ର, ହରଚଣ୍ଡୀ ସାହି ଆଖଡ଼ା ସଦସ୍ୟ କୃଷ୍ଣ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଆସନ୍ତା ୨୦ ଓ ୨୧ ଦୁଇଦିନ ଧରି ପୁରୀ ବେଳାଭୂମିରେ ପୁରୀ ମହୋତ୍ସବ ଅନୁଷ୍ଠିତ ହେବ। ଶ୍ରୀକ୍ଷେତ୍ରର ପରମ୍ପରା, ଶ୍ରୀମନ୍ଦିର ସଂସ୍କୃତି ଓ ଜାଗା ଆଖଡ଼ାର ସଂସ୍କୃତିକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମାହାରୀ, ଗୋଟିପୁଅ, ଓଡ଼ିଶୀଠାରୁ ଆରମ୍ଭ କରି ଜାଗା ଆଖଡ଼ାର ପାରମ୍ପରିକ ସରମକଳା ଆଦି ପ୍ରଦର୍ଶନ କରାଯିବ। ଏହାକୁ ଲୋକଲୋଚନକୁ ଆଣିବା ସହ ପର୍ଯ୍ୟଟକଙ୍କ ନିମନ୍ତେ ବେଳାଭୂମିରେ କରାଯାଉଛି। ଶ୍ରୀକ୍ଷେତ୍ର ମାଟିର ଯୁବକମାନଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଯୁବପିଢ଼ିଙ୍କ ମଧ୍ୟରେ ବିଚ୍ ଭଲିବଲ୍‌ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର କ୍ରୀଡ଼ା ଅନୁଷ୍ଠିତ ହେବ। ସେହିପରି ସନ୍ଧ୍ୟାରେ ପୁରୀବାସୀଙ୍କ ସହ ପର୍ଯ୍ୟଟକମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିପାରିବେ। ଶ୍ରୀକ୍ଷେତ୍ରର କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଆଠ ସାହି ଆଖଡ଼ାର ସହଯୋଗ ସହ ଶ୍ରୀକ୍ଷେତ୍ର ବିକାଶ ମଞ୍ଚ, ଜିଲ୍ଲା ପ୍ରଶାସନ, ପୁରୀବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମ ଫଳରେ ଶ୍ରୀକ୍ଷେତ୍ରର ଅନ୍ୟାନ୍ୟ ପରମ୍ପରାକୁ ପର୍ଯ୍ୟଟକମାନେ ଜାଣିବା ସହ ଏଥିପ୍ରତି ଆକୃଷ୍ଟ ହୋଇପାରିବେ। ମହାପ୍ରଭୁଙ୍କ ଆଶୀର୍ବାଦରୁ କାର୍ଯ୍ୟକ୍ରମ ବିଶ୍ୱଦରବାରରେ ପହଞ୍ଚିବ ବୋଲି ଶ୍ରୀ ଖୁଣ୍ଟିଆ ଆଶାବ୍ୟକ୍ତ କରିଛନ୍ତି।

## ବେଳାଭୂମିରେ ବର୍ଜ୍ୟ ଅଡିଟ୍ ସଚେତନତା କର୍ମଶାଳା

ପୁରୀ, ୧୪।୧୨(ସମିସ): ପରିବେଶ ପର୍ଯ୍ୟାବରଣ ସୁରକ୍ଷା ଦିଗରେ କାମ କରୁଥିବା ଇକୋ ୱାକ୍ ଫାଉଣ୍ଡେସନ ରବିବାର ଚକ୍ରତୀର୍ଥ ବେଳାଭୂମିରେ ହାପିନେସ୍ ଫାଉଣ୍ଡେସନ, ଇକୋ ୱାରିୟର୍ସ ଫାଉଣ୍ଡେସନ ଏବଂ ଜଙ୍ଗଲ୍‌ଲୋର୍ ଫାଉଣ୍ଡେସନ ସହଯୋଗରେ ଏକ ପ୍ଲଗିଂ ସହିତ ବୈଜ୍ଞାନିକ ବର୍ଜ୍ୟ ଅଡିଟ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଓଡ଼ିଶା ଉପକୂଳର ସୁରକ୍ଷା ପାଇଁ ଶିକ୍ଷଣ କୈନ୍ଦ୍ରିକ, ତଥ୍ୟ ଆଧାରିତ ପରିବେଶଗତ କାର୍ଯ୍ୟାନୁଷ୍ଠାନକୁ ପ୍ରୋତ୍ସାହିତ କରିବା। ଏହି କାର୍ଯ୍ୟକ୍ରମକୁ ଜଳବାୟୁ କର୍ମୀ ଜଳେନ୍ଦ୍ର ମହାଳିକ ଆୟୋଜନ କରି କହିଥିଲେ ଯେ, ପରିବେଶଗତ କାର୍ଯ୍ୟକ୍ରମମାନ ପ୍ରତୀକାତ୍ମକ ପରିଷ୍କାର ଅଭିଯାନରୁ ଆଗକୁ ବଢ଼ିବା ଉଚିତ୍। ଏହି କର୍ମଶାଳା ଅନନ୍ୟ ଭାବେ ପ୍ଲଗିଂକୁ ବୈଜ୍ଞାନିକ ବର୍ଜ୍ୟ ଅଡିଟ୍ ପଦ୍ଧତି ସହିତ ଏକତ୍ରିତ କରିଥିଲା। ଅଂଶଗ୍ରହଣକାରୀମାନେ ବିଚ୍‌ର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ବର୍ଜ୍ୟ ସଂଗ୍ରହ କରିଥିଲେ ଏବଂ ବର୍ଗୀକରଣ, ଦସ୍ତାବିଜ୍ ଏବଂ ବିଶ୍ଲେଷଣ କରିଥିଲେ। ଯାହା ବର୍ଜ୍ୟର ଗଠନ, ଉତ୍ସ ଏବଂ ସମୁଦ୍ର ପରିସ୍ଥିତି ତନ୍ତ୍ର ଉପରେ ପ୍ରଭାବ ପକାଉଥିବା ପ୍ରଦୂଷଣ ଟ୍ରେଣ୍ଡ ବୁଝିବାରେ ସାହାଯ୍ୟ କରିଥିଲା। କର୍ମଶାଳାରେ ଜଙ୍ଗଲ୍ ଲୋର୍ ଫାଉଣ୍ଡେସନର ଆକାଶ ରଞ୍ଜନ ରଥ ଏବଂ ପ୍ରଭାତ ବିଶ୍ୱାଳ, ହାପିନେସ୍ ଫାଉଣ୍ଡେସନର ପ୍ରଦୀପ୍ତ ପ୍ରଧାନ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜଳବାୟୁ କର୍ମୀ ଶ୍ରୀ ରଥ ଅଂଶଗ୍ରହଣକାରୀଙ୍କୁ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ବ୍ଲୁ ଫ୍ଲାଗ୍ ବିଚ୍‌ର ଗୁରୁତ୍ୱ, ସେମାନଙ୍କ ବିଶ୍ୱବ୍ୟାପୀ ମାନକ ଏବଂ ନାଗରିକଙ୍କ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ସଚେତନ କରିଥିଲେ। ଅଡିଟ୍ ସମୟରେ ସଂଗୃହୀତ ବର୍ଜ୍ୟକୁ ଏକକ ବ୍ୟବହାର ପ୍ଲାଷ୍ଟିକ୍, ମତ୍ସ୍ୟ ପାଳନ ସମ୍ପର୍କିତ ଧ୍ୱଂସାବଶେଷ, ବହୁସ୍ତରୀୟ ପ୍ୟାକେଜିଂ, କାଚ, ଧାତୁ, କପଡ଼ା, ଜୋତା ଏବଂ ବିବିଧ ବର୍ଜ୍ୟରେ ବର୍ଗୀକୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବନ ବିଭାଗର ଅଧିକାରୀ ଏବଂ ସ୍ୱଚ୍ଛତା କର୍ମୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ; ଯିଏ ଜଳବାୟୁ ଉତ୍ସାହୀ ଏବଂ ସ୍ଥାନୀୟ ଯୁବକମାନଙ୍କ ସହିତ ମିଶି ଭୂମିରେ ବୈଜ୍ଞାନିକ ବର୍ଜ୍ୟ ଅଡିଟ୍ ପଦ୍ଧତି ଶିଖିଥିଲେ ଏବଂ ପ୍ରୟୋଗ କରିଥିଲେ।

## ହୋଟେଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ

ପୁରୀ, ୧୪।୧୨(ସମିସ): ଭୁବନେଶ୍ୱରର ଏକ ବାର୍‌ରେ ଅଗ୍ନିକାଣ୍ଡ ପରେ ସତର୍କ ହୋଇଛି ଅଗ୍ନିଶମ ବିଭାଗ। ଏହି କ୍ରମରେ ପୁରୀରେ କଡ଼ା ଯାଞ୍ଚ ଆରମ୍ଭ ହୋଇଛି। ଅଗ୍ନିଶମ ବିଭାଗର ଅଧିକାରୀ ହୋଟେଲଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। ଅଗ୍ନିଶମ ଅଧିକାରୀମାନେ ହୋଟେଲଗୁଡ଼ିକରେ ଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟ କରୁଛି ନା ନାହିଁ, ଅଗ୍ନି ନିର୍ବାପକ ଯନ୍ତ୍ରଗୁଡ଼ିକ ଠିକ୍ ଅଛି କି ନାହିଁ, ହୋଟେଲର ରୁମ୍, ରୋଷେଇ ଘରେ ସେନ୍‌ସର କାମ କରୁଛି କି ନାହିଁ ତାହାର ତଦାରଖ କରିଥିଲେ।

### ପୁରୀ ପ୍ରବେଶ ପଥରେ ଲାଗିଛି ବ୍ୟାନର

## 'ସମ୍ବିତ୍ ଭାଇ ତମେ ବହୁତ ମିଛ କହୁଛ'

ପୁରୀ, ୧୪।୧୨(ସମିସ): ପୁରୀ ପ୍ରବେଶ ପଥରେ ଲାଗିଛି ଏମିତି ଏକ ବ୍ୟାନର। ଯେଉଁଥିରେ ଲେଖାଯାଇଛି 'ସମ୍ବିତ୍ ଭାଇ ତମେ ବହୁତ ମିଛ କହୁଛ, ଆମ ପୁରୀ ସଦରବାସୀଙ୍କୁ ଭଣ୍ଡେଇ ଚାଲିଛ'। ତେବେ ଏଭଳି ବ୍ୟାନର କିଏ ଲଗାଇଛି, କାହିଁକି ଲଗାଇଛି ଏବଂ କାହା ଉଦ୍ଦେଶ୍ୟରେ ତାକୁ ନେଇ ପୁରୀରେ ବେଶ୍ ଚର୍ଚ୍ଚା ଚାଲିଛି। ରବିବାର ପୁରୀ ପ୍ରବେଶ ପଥ ଅଠରନଳା ନିକଟରେ ତଳେ ପ୍ରତିବାଦର ଚିତ୍ର ଥାଇ ଏମିତି ଏକ ବ୍ୟାନର ଲଗାଯାଇଛି। ଯେଉଁଥିରେ ଉକ୍ତ କଥା ଲେଖା ରହିଛି।




କିନ୍ତୁ ଏହାକୁ ଲଗାଇଛି କିଏ ସେ ବିଷୟରେ କିଛି ସ୍ପଷ୍ଟତା ନାହିଁ। ଏହି ବ୍ୟାନର ଏବଂ ଲେଖା ପୁରୀବାସୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ବାସ୍ତବରେ ଏହାକୁ କିଏ ଲଗାଇଛି ଏବଂ ଏହା ଲଗାଇବା ପଛର ପ୍ରକୃତ ଉଦ୍ଦେଶ୍ୟ କ'ଣ? ଏଥିରେ କାହାକୁ ଆକ୍ଷେପ କରାଯାଇଛି ତାହା ବି ସ୍ପଷ୍ଟ ନାହିଁ। ତେବେ ସମ୍ବିତ୍ ଭାଇ ପୁରୀ ସଦରବାସୀଙ୍କୁ କ'ଣ ପ୍ରତିଶ୍ରୁତି ଦେଇଥିଲେ ଯେ, ଭଣ୍ଡେଇ ଦେଲେ? ପୁଣି ସମ୍ବିତ୍ ଭାଇ ବହୁତ ମିଛ କହୁଥିବା ଏହି ବ୍ୟାନରେ ଦର୍ଶାଯାଇଛି। ତେଣୁ ଏ ସବୁକୁ କିଏ ଏବଂ କେଉଁ ଉଦ୍ଦେଶ୍ୟ ନେଇ ଲଗାଇଛି ତାହା ଜଣାପଡ଼ି ନ ଥିବାବେଳେ ଏହାକୁ ନେଇ ପୁରୀ ସହରରେ ନାନା ପ୍ରକାର ଚର୍ଚ୍ଚା ଆଲୋଚନା ହେଉଛି।

### ପଞ୍ଚମ ପୁରୀ ବିଚ୍ ମାରାଥନ୍

## ଓଡ଼ିଶାର ଅଶୋକ ଦଣ୍ଡସେନା ପ୍ରଥମ

ପୁରୀ, ୧୪।୧୨(ସମିସ)

ଭୁବନେଶ୍ୱର ସାଇକେଲିଂ ଏବଂ ଆଡ୍‌ଭେଞ୍ଚର କ୍ଲବ୍ (ବିସିଏସି) ପକ୍ଷରୁ ରବିବାର ପୁରୀ ବିଚ୍ ମାରାଥନ୍ ୫ମ ସଂସ୍କରଣ ଏମ୍‌ସିଏଲ୍ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ସମେତ ୧ ହଜାରରୁ ଅଧିକ ଦୌଡ଼ାଳି ଏହି ଅନନ୍ୟ ମାରାଥନରେ ସେମାନଙ୍କ ଶାରୀରିକ ଶକ୍ତିକୁ ଚ୍ୟାଲେଞ୍ଜ କରିବା ଏବଂ ମାନସିକ ପ୍ରତିବନ୍ଧକକୁ ଦୂର କରିବା ପାଇଁ ଅଂଶଗ୍ରହଣ କରିଥିଲେ। ପୁରୀ ବିଚ୍ ମାରାଥନ୍ ୨୦୨୫କୁ ମଙ୍ଗଳା ନଦୀର ସମୁଦ୍ର ମୁହାଣରେ ଥିବା ଶାମୁକା ବେଳାଭୂମିରୁ ବିସିଏସି ସଭାପତି ଅତିରିକ୍ତ ଡିଜିପି ସଞ୍ଜୀବ ପଣ୍ଡା, ଅବସରପ୍ରାପ୍ତ ଆଇପିଏସ୍ ଲଳିତ ଦାସ, ପୁରୀ ଏସ୍‌ପି ପ୍ରତୀକ୍ ସିଂ, ବିସିଏସି ସଚିବ ଅଜୟ କୁମାର ନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଦେଶର ବିଭିନ୍ନ ସ୍ଥାନ ସମେତ ଆମେରିକା ଏବଂ ୟୁଏସ୍‌ଏସ୍‌ଆରରୁ କିଛି ପ୍ରସିଦ୍ଧ ଧାବକ ଏବଂ ଉଦୀୟମାନ ଖେଳାଳିଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ମାରାଥନରେ ଦୁଇ ପ୍ରକାର ଦୌଡ଼ ହୋଇଥିଲା। ହାଫ୍ ମାରାଥନ୍ ମଙ୍ଗଳା ନଦୀ ସମୁଦ୍ର ମୁହାଁର ଶାମୁକା ବେଳାଭୂମିରୁ ବାଲି ହାରଚଣ୍ଡୀ ବିଚ୍ ଯାଇ ଫେରିଥିଲେ। ୭ କିଲୋମିଟର ମଜାଦାର ଦୌଡ଼ ଅଂଶଗ୍ରହଣକାରୀମାନେ ସମାନ ସ୍ଥାନରୁ ଆରମ୍ଭ କରି ବାଲି ହାରଚଣ୍ଡୀ ଆଡ଼କୁ ୩.୫ କିମି ଦୂରତା ଅତିକ୍ରମ କରି ୟୁ-ଟର୍ଣ୍ଣ ନେବା ପରେ ସମାନ ଆରମ୍ଭ ବିନ୍ଦୁକୁ ଫେରିଥିଲେ। ପ୍ରତି ୩.୫ କିଲୋମିଟରରେ ପାଣି ଏବଂ ସହାୟତା ଷ୍ଟେସନର ବ୍ୟବସ୍ଥା ରହିଥିଲା। ଧାବକମାନଙ୍କୁ ଉତ୍ସାହିତ କରିବା ପାଇଁ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ବିଜେତା ଏବଂ ପୋଡିୟମ୍ ଫିନିସରମାନଙ୍କ ପାଇଁ ନଗଦ ପୁରସ୍କାର ବ୍ୟବସ୍ଥା କରାଯାଇଥିଲା। ପୁରସ୍କାର ବ୍ୟତୀତ ଅଂଶଗ୍ରହଣକାରୀମାନେ ସଫଳତାର ସହ ସମାପ୍ତି ପରେ ଏକ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ଫିନିସର ପଦକ, ଇଭେଣ୍ଟ ଟି-ସାର୍ଟ ଏବଂ ଡିଜିଟାଲ୍ ପ୍ରମାଣପତ୍ର ପାଇଥିଲେ। ବିଭିନ୍ନ ବର୍ଗର ବିଜେତାମାନେ ମୋଟ ୨.୨ ଲକ୍ଷ ଟଙ୍କାର ପୁରସ୍କାର ପାଇଥିଲେ। ୨୧ କିଲୋମିଟର ହାଫ୍ ମାରାଥନ୍ ପ୍ରଥମ ପୁରସ୍କାର ବାବଦ ୫୦ ହଜାର ଟଙ୍କା ଓଡ଼ିଶାର ଅଶୋକ ଦଣ୍ଡସେନାଙ୍କୁ ପ୍ରଦାନ କରାଯାଇଥିଲା। ସେ ୧ ଘଣ୍ଟା ୧୬ ମିନିଟ୍ ୨୫ ସେକେଣ୍ଡ ସମୟ ସହିତ ଏହା ଶେଷ କରିଥିଲେ। ଦ୍ୱିତୀୟରେ ପଶ୍ଚିମବଙ୍ଗର ଅନୁପମ ମହତା ୧ ଘଣ୍ଟା ୧୬ ମିନିଟ୍ ୨୮ ସେକେଣ୍ଡରେ ଦୌଡ଼ ଶେଷ କରି ୩୦ ହଜାର ଟଙ୍କା ଏବଂ ତୃତୀୟ ଛତିଶଗଡ଼ର ଫୁଲଧର ନେତାମ୍ ୧ ଘଣ୍ଟା ୧୭ ମିନିଟ୍ ୬ ସେକେଣ୍ଡରେ ଦୌଡ଼ ଶେଷ କରି ୨୦ ହଜାର ଟଙ୍କା ପୁରସ୍କାର ପାଇଥିଲେ। ତେବେ ୨୧ କିମି ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ପ୍ରଥମ ହୋଇଥିଲେ।




ସମବାୟ ସଚିବ ରାଜେଶ ପାଟିଲଙ୍କ ସହିତ ବିସିଏସି ସଭାପତି ତଥା ଅତିରିକ୍ତ ଡିଜିପି ସଞ୍ଜୀବ ପଣ୍ଡା, ଅବସରପ୍ରାପ୍ତ ଆଇପିଏସ୍ ଲଳିତ ଦାସ, ବିସିଏସି ସଚିବ ଅଜୟ କୁମାର ନନ୍ଦ, କୋଷାଧ୍ୟକ୍ଷ ଶିବାଶିଷ୍ ମହାନ୍ତି, ଏମ୍‌ସିଏଲ୍ ପକ୍ଷରୁ ସୁଶାନ୍ତ ତ୍ରିପାଠୀ, ବିପିସିଏର ସୌମ୍ୟ ଜୈନ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିସିଏସି ସଭାପତି ସଭାପତି ଶ୍ରୀ ପଣ୍ଡା ଅଂଶଗ୍ରହଣକାରୀମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଡିସେମ୍ବର ମାସର ଦ୍ୱିତୀୟ ରବିବାର ଦିନ ବିଚ୍ ମାରାଥନ୍ ପ୍ରତିବର୍ଷ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ। ସୂଚନାଥାଉ କି, ବିସିଏସି ପୂର୍ବରୁ ଭିଏତନାମରୁ କାମ୍ବୋଡିଆ, ଭୁବନେଶ୍ୱରରୁ ଭୂଟାନ, କଟକରୁ କାଠମାଣ୍ଡୁ, ମନାଲିରୁ ହିମାଳୟରେ ଖାରଡୁଙ୍ଗ ଲା ଭଳି ମେଗା ସାଇକେଲିଂ ଇଭେଣ୍ଟ ଆୟୋଜନ କରିଛି। ବିସିଏସି ପ୍ରତିବର୍ଷ ଫେବୃଆରୀ ମାସର ଦ୍ୱିତୀୟ ରବିବାର ଦିନ ଗୋଲ୍‌ଡେନ ଟ୍ରାଏଙ୍ଗଲ୍ ସାଇକେଲିଂ ଚାମ୍ପିଅନସିପ୍ ମଧ୍ୟ ଆୟୋଜନ କରିଥାଏ।

## ଜିଲ୍ଲା ଲେଖକ ପରିଷଦର ବାର୍ଷିକ ଉତ୍ସବ



ନୟାଗଡ଼,୧୪।୧୨(ସମିସ): ନୟାଗଡ଼ ଜିଲ୍ଲା ଲେଖକ ପରିଷଦ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବ୍ଲକ୍ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବିଭାବନା ସମ୍ପାଦକ ମାନସ ନନ୍ଦ ଯୋଗଦେଇ ସାହିତ୍ୟ ଓ ସମାଜ ଉପରେ ଆଲୋଚନା ରଖିଥିଲେ। ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ବଳିଆରସିଂ ଯୋଗଦେଇଥିଲେ। ଲେଖକ ପରିଷଦ ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ଶତାଧିକ ଲେଖକ, କବି ଯୋଗଦେଇଥିଲେ। ସମ୍ପାଦକ ଶେଖ୍ ଅବ୍ଦୁଲ୍ ଖାଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କବିତା ଓ ଗଳ୍ପ ପାଠ, ସମ୍ବର୍ଦ୍ଧନା ଓ ସାହିତ୍ୟ ଆଲୋଚନା ହୋଇଥିଲା। ଏହା ସହିତ ଲେଖକ ପରିଷଦ ଦ୍ୱାରା ପ୍ରକାଶିତ ମୁଖପତ୍ର ନବଉନ୍ମେଷକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ କବି ଗୋପୀନାଥ ସେଠୀ ଓ ନିଳିମା ନନ୍ଦ ସଂଯୋଜନା କରିଥିଲେ।

## ପନ୍ତିଖାରୀରେ ଆମ ବ୍ୟାଙ୍କ ଉଦ୍‌ଘାଟିତ

ଓଡ଼ଗାଁ,୧୪।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ପନ୍ତିଖାରୀ ଗ୍ରାମ ପଞ୍ଚାୟତ ପରିସରରେ ଏସ୍‌ବିଆଇ ଅଧୀନସ୍ଥ ଆମ ବ୍ୟାଙ୍କକୁ ପନ୍ତିଖାରୀ ସରପଞ୍ଚ ସୁଶ୍ରୀ ଶ୍ରାବଣୀ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଫଳରେ ଦୀର୍ଘ ଦିନ ପ୍ରତୀକ୍ଷାର ଅବସାନ ଘଟିଛି। ୪ ଖଣ୍ଡ ଗାଁର ୧୦ ହଜାରରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଏବେ ପଞ୍ଚାୟତ କାର୍ଯ୍ୟାଳୟଠାରେ



ପାଇପାରିବେ ବ୍ୟାଙ୍କ ସେବା। ଏଠାରୁ ହିତାଧିକାରୀମାନେ ଟଙ୍କା ଜମା ଓ ଉଠାଣ କରିବା ସହିତ ହିତାଧିକାରୀଙ୍କୁ ମିଳୁଥିବା ସମସ୍ତ ସହାୟତା ସିଧାସଳଖ ଜମା ଖାତାରେ ପହଞ୍ଚିବ। ବାଟରେ ଘାଟରେ ହେଉଥିବା ହେର୍‌ଫେର ସମ୍ଭାବନା ରହିବ ନାହିଁ। ବିଶେଷ କରି ମନରେଗା ଜବ୍‌କାର୍ଡଧାରୀଙ୍କୁ ସେମାନଙ୍କ ପାରିଶ୍ରମିକ ଅର୍ଥ ଜମା ଖାତା ମାଧ୍ୟମରେ ପାଇବାକୁ ସହଜ ହେବ। ଉଦ୍‌ଘାଟନବେଳେ ୱାର୍ଡ ସଦସ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀରେନ୍ଦ୍ର ଜାନିଙ୍କ ସହିତ ମଶାବାରୀ ଗ୍ରାମ ପରିଚାଳନା କମିଟି ସଭାପତି ପବିତ୍ର ମୋହନ ମହାନ୍ତି ଏବଂ ଆମ ବ୍ୟାଙ୍କ ପରିଚାଳକ, ସହଯୋଗୀ ଉପସ୍ଥିତ ଥିଲେ।

■ ସ୍ୱାମୀକୁ ହତ୍ୟା ଅଭିଯୋଗରେ ସ୍ତ୍ରୀ ଅଟକ ଘଟଣା

## ଅଧିକ ତଥ୍ୟ ପାଇଁ ପୁଲିସର ଛାନ୍‌ଭିନ୍



ଖଣ୍ଡପଡ଼ା,୧୪।୧୨(ସମିସ): ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର(ପୁଆଣିଆଁ) ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ଅତି ଅମାନୁଷିକ ଭାବେ ସ୍ତ୍ରୀ ସ୍ୱାମୀକୁ ହତ୍ୟା କରିଥିବା ଘଟଣାର ଅଧିକ ତଥ୍ୟ ଜାଣିବା ପାଇଁ ଖଣ୍ଡପଡ଼ା ପୁଲିସ ପକ୍ଷରୁ ଛାନ୍‌ଭିନ୍ କରାଯାଉଥିବା ଜଣାପଡ଼ିଛି। ଏ ଘଟଣାରେ ସମ୍ପୃକ୍ତ ଥିବା ମୃତକଙ୍କ ପତ୍ନୀ ଲକି ଥାନାରେ ଅଟକ ଥିବାବେଳେ ଏ ହତ୍ୟା ଘଟଣାର ପ୍ରକୃତ କାରଣ ଓ ଏଥିରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି ସେ ସବୁ ଜାଣିବା ପାଇଁ ରବିବାର ଦିନ ତମାମ ପୁଲିସ ପକ୍ଷରୁ ଚେଷ୍ଟା ଜାରି ରହିଛି। ଘରର ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ପରେ ବୃଦ୍ଧ ବାପା-ମାଆ ସମେତ ପରିବାର ଲୋକେ ହତବାକ୍ ହୋଇପଡ଼ିବା ସହ ନ୍ୟାୟ ଅପେକ୍ଷାରେ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅଭିଯୋଗ ମୁତାବକ ଘଟଣାରେ ସମ୍ପୃକ୍ତ ଥିବା ଲକିକୁ ମୁକୁଳାଇବା ପାଇଁ ତା'ର ମାଆ ଜଣେ ଓକିଲଙ୍କୁ ସାଥୀରେ ନେଇ ରବିବାର ଖଣ୍ଡପଡ଼ା ଥାନାକୁ ଆସିଥିବା ମୃତ ବାପୁନିଙ୍କ ବାପା ମଧୁସୂଦନ ମହାପାତ୍ର ଜଣାଇଛନ୍ତି।

ମଧୁସୂଦନଙ୍କ କହିବା ଅନୁଯାୟୀ, ତାଙ୍କ ପୁଅ ତାଳଚେରରେ କୌଣସି ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ବୋହୂ ଲକି ବିବାହ ପରଠାରୁ ପୁଅ ପାଖରେ ରହିବା ପାଇଁ ଅନେକଥର ଜିଦ୍ ଧରି କଳହ ସୃଷ୍ଟି କରିଥିଲା। ଏତଦ୍‌ବ୍ୟତୀତ ପରିବାର ଲୋକଙ୍କଠାରୁ ସମ୍ପର୍କ ଛିନ୍ନ ନ କଲେ ପରିସ୍ଥିତି ଭୟଙ୍କର ହେବ ବୋଲି ମଧ୍ୟ ଧମକ ଦେଇଥିଲା। ଘରର ଧନସମ୍ପତ୍ତି ଲକି ତା' ବାପ ଘରକୁ ଦେବା ପାଇଁ ବାପୁନିଙ୍କୁ ଅନେକ ସମୟରେ ବାଧ୍ୟ କରୁଥିଲା। ତେବେ ଏସବୁ ନ କରିବା ପାଇଁ ବାପୁନି ସିଧା ସିଧା ମନା କରିବାରୁ ସ୍ତ୍ରୀ ଲକି ତାଙ୍କୁ ଜୀବନରୁ ମାରିଦେଇଥିବା ମଧୁସୂଦନ କହିଛନ୍ତି। ତେବେ ଏ ହତ୍ୟା ଧନସମ୍ପତ୍ତି ପାଇଁ ହୋଇଛି ନା ପ୍ରେମ ବ୍ୟାପାର ପାଇଁ ହୋଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏନେଇ ଖଣ୍ଡପଡ଼ା ଡିଏସ୍‌ପିଙ୍କୁ ପଚାରିବାରେ ଘଟଣାର ଅଧିକ ତଥ୍ୟ ଜାଣିବା ପାଇଁ ମହିଳାଙ୍କୁ ପଚରାଉଚରା କରାଯାଉଛି ବୋଲି କହିଛନ୍ତି। ତେବେ ହତ୍ୟାକାରୀଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯିବା ସହ ମୃତକଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ଦେଉଳିରେ ଟ୍ରାକ୍ଟର ଓଲଟି ଜଣେ ମୃତ

ନୟାଗଡ଼,୧୪।୧୨(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଦେଉଳି ଗାଁରେ ଧାନ ବୋଝେଇ ଟ୍ରାକ୍ଟର ଓଲଟି ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଦେଉଳି ଗାଁର ନବକିଶୋର ବାରିକ(୫୦)। ଗାଁର ଜଣେ ବ୍ୟକ୍ତିଙ୍କ ଧାନ ଟ୍ରାକ୍ଟରରେ ନବ ଧାନ ଲୋଡ୍ କରି ବିଲରୁ ଆସୁଥିଲେ। ହଠାତ୍ ଗାଁ ନିକଟ ତୋଟାସାହି ପୋଖରୀ ନିକଟରେ ଡ୍ରାଇଭରର ଅସାବଧାନତା କାରଣରୁ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟରରେ ବସିଥିବା ନବକିଶୋର ଟ୍ରାକ୍ଟର ତଳେ ଚାପି ହୋଇ ଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

### ସାମାଜିକ ସୁରକ୍ଷା କର୍ମଚାରୀଙ୍କ ଅସାମାଜିକ କାର୍ଯ୍ୟ

# କନିଷ୍ଠ କିରାଣିଙ୍କ ବାପାଙ୍କୁ ମିଳୁଛି ବାର୍ଦ୍ଧକ୍ୟ ଭତ୍ତା

ନୟାଗଡ଼,୧୪।୧୨(ସମିସ):

ନୟାଗଡ଼ ଜିଲ୍ଲାରେ ଭତ୍ତା କେଳେଙ୍କାରୀ ଭୟଙ୍କର ସ୍ଥିତିରେ ରହିଛି। ମାଳମାଳ ଅଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଏହି କେଳେଙ୍କାରୀ ହୋଇଥିବାବେଳେ ରଣପୁର ବ୍ଲକ୍‌ରେ କେଳେଙ୍କାରୀ ପାହାଡ଼ ଛିଡ଼ା ହୋଇଛି। ବିଗତ ଦିନରେ ରଣପୁର ବ୍ଲକ୍‌ରେ ହୋଇଥିବା ଭତ୍ତା କେଳେଙ୍କାରୀକୁ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରଶ୍ନ ଉଠିଥିବାବେଳେ ଏବେ ଏକ ସାଂଘାତିକ ଘଟଣା ସାମ୍ନାକୁ ଆସିଛି। ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗରେ କାର୍ଯ୍ୟରତ ଦୁଇ ଜଣ କନିଷ୍ଠ କିରାଣିଙ୍କ ବାପା ଭତ୍ତା ପାଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ କିରାଣି ରାମକୃଷ୍ଣ ସୁବୁଦ୍ଧିଙ୍କ ବାପା ଯୁଗଳ କିଶୋର ସୁବୁଦ୍ଧି ଭତ୍ତା ପାଉଛନ୍ତି। ନୟାଗଡ଼ ଜିଲ୍ଲା ରଣପୁର ଏନ୍‌ଏସି ଅଧୀନରେ ତାଙ୍କୁ ୧ହଜାର ଟଙ୍କା ଭତ୍ତା ମିଳୁଥିବା ଅଭିଯୋଗ ହୋଇଛି। ସମାନ ଭାବେ ଅନ୍ୟତମ କିରାଣି ପୀୟୂଷ କୁମାର ସାହୁଙ୍କ ବାପା ସନ୍ତୋଷ କୁମାର ସାହୁ ମଧ୍ୟ ୧ହଜାର ଟଙ୍କା ଭତ୍ତା ପାଉଥିବା ଅଭିଯୋଗ ହୋଇଛି। ରଣପୁର ବ୍ଲକ୍ ଗୋପାଳପୁର ପଞ୍ଚାୟତ ଅଧୀନରେ ସେ ଭତ୍ତା ପାଉଥିବା ଅଭିଯୋଗ ହୋଇଛି। ରଣପୁର ବ୍ଲକ୍‌ରେ ଭତ୍ତାରେ ବ୍ୟାପକ ଅନିୟମିତତା ହୋଇଥିବାବେଳେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସବୁ ଜାଣି ନିରବଦ୍ରଷ୍ଟା ସାଜୁଛି। ଜିଲ୍ଲା କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ଦୁଇ ଜଣ କିରାଣି ଭତ୍ତା ପାଉଥିବା ଅଭିଯୋଗ ଉପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ଆଶ୍ଚର୍ଯ୍ୟ ହେବା ସହ ଘଟଣାର ତଦନ୍ତ ହେବ ବୋଲି କହିଛନ୍ତି।

### ମାଳମାଳ ସରକାରୀ କର୍ମଚାରୀଙ୍କ ବାପା-ମାଆଙ୍କୁ ଭତ୍ତା

ନୟାଗଡ଼ ଜିଲ୍ଲାରେ ମାଳମାଳ ସରକାରୀ ଚାକିରିଆଙ୍କ ବାପା, ମାଆ ଭତ୍ତା ପାଉଥିବା ଅଭିଯୋଗ ହେଉଛି। ଅନେକ ଶିକ୍ଷକ, କିରାଣି, ପିଇଓ, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପରିବାରରେ ଏକାଧିକ ସରକାରୀ ଚାକିରିଆ ଥିବାବେଳେ ସେମାନଙ୍କ ବାପା ଓ ମାଆ ଭତ୍ତା ପାଉଥିବା ଜଣାପଡ଼ିଛି। ଜିଲ୍ଲାରେ ଏହି ସଂଖ୍ୟା ୫ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ବିଭିନ୍ନ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସବୁ ଜାଣି ନିରବଦ୍ରଷ୍ଟା ସାଜୁଛନ୍ତି। ଅଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରୁନାହାନ୍ତି। ଫଳରେ ସରକାରୀ ଚାକିରିଆ ପରିବାର ମଧ୍ୟ ସରକାରୀ ଯୋଜନାରୁ ଫାଇଦା ଉଠାଉଛନ୍ତି।

### ଜିଲ୍ଲାରେ ସବୁଠାରୁ ବଡ଼ ଦୁର୍ନୀତି

ନୟାଗଡ଼ ଜିଲ୍ଲାରେ ସବୁଠାରୁ ବଡ଼ ଅନିୟମିତତା କେଉଁଥିରେ ହେଉଛି କହିଲେ, ତାହା ଭତ୍ତାରେ ବୋଲି ସମସ୍ତ ବୁଦ୍ଧିଜୀବୀ ମତ ଦେଉଛନ୍ତି। ନୟାଗଡ଼ ଜିଲ୍ଲାର ୧୯୪ ପଞ୍ଚାୟତର ଭତ୍ତା ତାଲିକାକୁ ତଦନ୍ତ କରାଗଲେ ଏହି ଦୁର୍ନୀତି ସାମ୍ନାକୁ ଆସିପାରନ୍ତା। ନୟାଗଡ଼ ଜିଲ୍ଲାରେ ଯେତିକି ହିତାଧିକାରୀ ଭତ୍ତା ପାଉଛନ୍ତି, ତାହା ମଧ୍ୟରେ ୫୦ ପ୍ରତିଶତ ଅଯୋଗ୍ୟ ହିତାଧିକାରୀ ରହିଛନ୍ତି। ସରକାରଙ୍କ ନୀତିନିୟମକୁ ଦଳିମକଚି ଭତ୍ତା ପ୍ରଦାନ କରାଯାଉଛି। ସରକାରଙ୍କ ପକ୍ଷରୁ ରହିଥିବା ଟାର୍ଗେଟ୍ ପର୍ଯ୍ୟନ୍ତ ହିତାଧିକାରୀ ଚୟନ ହେଉଥିବାବେଳେ ପ୍ରକୃତ ହିତାଧିକାରୀ ବର୍ଷବର୍ଷ ଧରି ଆବେଦନ କରି ଅପେକ୍ଷା କରୁଛନ୍ତି। ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ପ୍ରକୃତ ହିତାଧିକାରୀଙ୍କୁ ସାମିଲ୍ କରିବାକୁ ଦାବି ହେଉଛି।

## ମହାନଦୀ ପବ୍ଲିକ୍ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ




ଗଣିଆ,୧୪।୧୨(ସମିସ): ଗଣିଆରେ ଥିବା ଅଗ୍ରଣୀ ଇଂରାଜୀ ମିଡିୟମ୍ ମହାନଦୀ ପବ୍ଲିକ୍ ସ୍କୁଲର ଦ୍ୱିତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରି ରଘୁନାଥଜୀଉ ମନ୍ଦିରରେ ମଶାଲ ପୂଜାର୍ଚ୍ଚନା କରିଥିଲେ। ଗଣିଆ ବଜାରରେ ଥିବା ଗାନ୍ଧୀ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଜଗନ୍ନାଥ ମନ୍ଦିର ଦେଇ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ପହଞ୍ଚିଥିଲେ। ସେଠାରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗଣିଆ ବ୍ଲକ୍ ଶିକ୍ଷା ଅଧିକାରୀ ରବିନ୍ଦ୍ର ନାଥ ରାଉତରାୟଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ରବିନ୍ଦ୍ର ନାଥ ରାଉତରାୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ରଘୁନାଥଜୀଉ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶେଷଦେବ ରାଉତ, ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ରଶ୍ମିରଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଟ୍ରଷ୍ଟି ତଥା ସମ୍ପାଦକ ପଙ୍କଜ କୁମାର ସାହୁ ଅତିଥିଙ୍କୁ ଫୁଲତୋଡ଼ା ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ସମସ୍ତ ଅଭିଭାବକ ତଥା ଶିକ୍ଷକଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ୧୫ଟି କ୍ରୀଡ଼ାର ୪୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ବିଦ୍ୟାଳୟ ତରଫରୁ ସ୍ୱତନ୍ତ୍ର ଭାବେ କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ଚେୟାରମ୍ୟାନ୍ ମଳୟ କୁମାର ପଣ୍ଡା, କୋଷାଧ୍ୟକ୍ଷ ଅଟଳ ବିହାରୀ ବାଜୁ, ପୂର୍ବତନ ଅଧ୍ୟକ୍ଷ ମହେନ୍ଦ୍ର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଦୁଇ ଗୁରୁତର

ଖଣ୍ଡପଡ଼ା,୧୪।୧୨(ସମିସ): ଫତେଗଡ଼ ଥାନା ଅଧୀନ ବାହାଡ଼ା ଛକ ନିକଟ ପଦ୍ମ ପୋଖରୀ ପାଶ୍ୱର୍ ପୂର୍ତ୍ତ ବିଭାଗ ରାସ୍ତାରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ ଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଖଣ୍ଡପଡ଼ା ପଟୁ ବାଇକ୍ ଯୋଗେ ଆସୁଥିବା ଫତେଗଡ଼ ଥାନା ଅଧୀନ ବାହାଡ଼ା ଗ୍ରାମ ଅନ୍ତର୍ଗତ ରାମଚନ୍ଦ୍ର ପ୍ରସାଦ ଗ୍ରାମର ନବ ଦାସ ଏବଂ ନୂଆଗାଁ ଥାନା ଅଧୀନ ଜିଗିରିପଡ଼ା ଗ୍ରାମର ଶ୍ୟାମସୁନ୍ଦର ନାୟକ ବିପରୀତ ଦିଗରୁ ଆସୁଥିବା ଏକ ନୀଳ ରଙ୍ଗର କାର୍‌କୁ ଧକ୍କା ଦେଇଥିଲେ। ଦୁର୍ଘଟଣା ଯୋଗୁଁ ବାଇକ୍‌ରେ ଥିବା ଦୁଇ ଯୁବକଙ୍କ ଡାହାଣ ଗୋଡ଼ ଭାଙ୍ଗିଯିବା ସହ ଗୁରୁତର ଆହତ ହୋଇଥିବାବେଳେ କାର୍‌ରେ ନିକଟସ୍ଥ ବାଇଗୁଣିଆ ଗ୍ରାମର ଗୋଟିଏ ପରିବାର ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ କ୍ରମେ ଆହତଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଉକ୍ତ ସ୍ଥାନଟି ସର୍ବଦା ଅନ୍ଧାର ରହିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ ଆଣିଛନ୍ତି।

## ବରୁଣେଇ କ୍ରିକେଟ: ସେମିରେ ବରୁଣେଇ

କଣ୍ଟିଲୋ,୧୪।୧୨(ସମିସ): ବରୁଣେଇ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡ଼ିଆଠାରେ ଚାଲିଥିବା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ବରୁଣେଇ କ୍ରିକେଟ୍ ଟିମ୍ ପ୍ରତିପକ୍ଷ ବଡ଼ବାଣପୁର କ୍ରିକେଟ୍ ଟିମ୍‌କୁ ୪୭ ରନ୍‌ରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବରୁଣେଇ(ଏ) ଟିମ୍ ନିର୍ଦ୍ଧାରିତ ୧୮ ଓଭରରେ ୯ ୱିକେଟ୍ ହରାଇ ୧୮୧ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ବଡ଼ବାଣପୁର ଟିମ୍ ୧୮ ଓଭରରେ ୬ ୱିକେଟ୍ ହରାଇ ୧୩୫ ରନ୍ କରି ବରୁଣେଇ(ଏ)ଠାରୁ ପରାସ୍ତ ହୋଇଥିଲା। ବରୁଣେଇ(ଏ) ଟିମ୍‌ର ଦିପୁ ବେହେରା ୨୫ ବଲ୍‌ରୁ ୫୬ ରନ୍ ଧୂଆଁଧାର ପାଳି ଖେଳି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଘୋଷିତ ହୋଇଥିଲେ। ଅମ୍ପାୟାର ଶିବନାରାୟଣ ସାହୁ ଓ ଚନ୍ଦନ ଦଳେଇ ମ୍ୟାଚ୍ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ତାପସ ମହାପାତ୍ର ଓ ସ୍କୋରର୍ ଭାବେ ରାଜେନ୍ଦ୍ର ଦଳେଇ ସହଯୋଗ କରିଥିଲେ। ସୋମବାର ତୃତୀୟ କ୍ୱାର୍ଟର ଫାଇନାଲରେ ରଜିବ କ୍ରିକେଟ ଟିମ୍‌କୁ ଭେଟିବ ଭେଡା କ୍ରିକେଟ ଟିମ୍।



## ସ୍କୁଲରୁ ଚାଉଳ ବସ୍ତା ବୋହିନେଲେ ପୂର୍ବତନ ସରପଞ୍ଚ

ଖଣ୍ଡପଡ଼ା,୧୪।୧୨(ସମିସ): ଖଣ୍ଡପଡ଼ା ବ୍ଲକ୍ ଶିଖରପୁର ଉଚ୍ଚ ବିଦ୍ୟାଳୟରୁ ଚାଉଳ ବସ୍ତା ବୋହି ନେଉଛନ୍ତି ପୂର୍ବତନ ସରପଞ୍ଚ ତଥା ବିଜେପି ନେତା। ଏଭଳି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଥିବାବେଳେ ସମ୍ପୃକ୍ତ ପୂର୍ବତନ ସରପଞ୍ଚଙ୍କ ଭୂମିକା ସନ୍ଦେହଘେରରେ ଥିବା ଜଣାପଡ଼ିଛି।



ମିଳିଥିବା ସୂଚନା ଅନୁଯାୟୀ, କିଛିଦିନ ତଳେ ଉତ୍ତୋଳନ ହୋଇଥିବା ଏହି ଭିଡିଓରେ ଚାଉଳ ରଖାଯାଇଥିବା ଶ୍ରେଣୀଗୃହରୁ ଏକ ବସ୍ତାରେ ଚାଉଳ ନେଉଛନ୍ତି ପୂର୍ବତନ ସରପଞ୍ଚ ବନମାଳି ଦ୍ୱାରି। ଗୋଟିଏ ରାଜନୈତିକ ଦଳର ନେତା ବୋଲାଉଥିବା ଉକ୍ତ ବ୍ୟକ୍ତି ଜଣକ ଜଣେ ମହିଳାଙ୍କ ସହାୟତାରେ ଚାଉଳ ବସ୍ତା ଗାଡ଼ିରେ ବାନ୍ଧିବା ସହିତ ବିଦ୍ୟାଳୟ ପରିସରରୁ ଯାଉଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାୟୀ, ଏଭଳି ସବୁବେଳେ ବିଦ୍ୟାଳୟରୁ ଚାଉଳ ବାଟମାରଣା ହେଉଥିବାବେଳେ ଏଥର

### ଭିଡିଓ ଭାଇରାଲ

କିନ୍ତୁ ଏହାକୁ ମୋବାଇଲ୍‌ରେ ରେକର୍ଡ କରାଯାଇଛି। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଧବ ଚନ୍ଦ୍ର ମହାନ୍ତିଙ୍କ ସହିତ ଯୋଗାଯୋଗ କରିବାରେ କିଛି ଜାଣିନାହାନ୍ତି ବୋଲି ପ୍ରତିକ୍ରିୟା ଦେଇଛନ୍ତି। ତେବେ ବିଦ୍ୟାଳୟ ପରିସରରୁ ସ୍ପଷ୍ଟ ଦିବାଲୋକରେ ଚାଉଳ ବୁହା ହେଉଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନ ଜାଣିବା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ଶିକ୍ଷାଧିକାରୀ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଜଗନ୍ନାଥ ମନ୍ଦିର ପୂଜକଙ୍କ ଦେହାନ୍ତ

କଣ୍ଟିଲୋ,୧୪।୧୨(ସମିସ): ବଡ଼ବାଣପୁର ଗ୍ରାମରେ ଅଧିଷ୍ଠିତ ଜଗନ୍ନାଥ ମନ୍ଦିର ପୂଜକ ସୁବାସ ଚନ୍ଦ୍ର କର(୬୮)ଙ୍କର ରବିବାର ଭୁବନେଶ୍ୱରସ୍ଥିତ ଏମ୍‌ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ୪ଦିନ ତଳେ ହଠାତ୍ ନିଃଶ୍ୱାସ ପ୍ରଶ୍ୱାସ ନେବାଆଣିବାରେ କଷ୍ଟ ଅନୁଭବ କରିବାରୁ ପ୍ରଥମେ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍‌ସ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ। ଜଗନ୍ନାଥ ମନ୍ଦିର ପୂଜକ ଭାବେ ଗ୍ରାମରେ ପରିଚିତ ସୁବାସ ଜଣେ ଅମାୟିକ, ପରୋପକାରୀ, ଧର୍ମପ୍ରାଣ ବ୍ୟକ୍ତି ରୂପେ ଅଞ୍ଚଳରେ ଲୋକପ୍ରିୟ ଥିଲେ। ରାମାୟଣ, ମହାଭାରତ ପୁରାଣ ଆଦି ଗାୟକ ରୂପେ ଅଞ୍ଚଳରେ ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକ ପ୍ରକାଶ ପାଇଛି। ମହାନଦୀ କୂଳ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ଆଶୁତୋଷ ମୁଖାଗ୍ନି ଦେଇଥିଲେ।



## ବାର୍ଷିକ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



ଗମ୍ଭାରୀପଦା,୧୪।୧୨(ସମିସ): କାକଟପୁର ବ୍ଲକ୍ କଣ୍ଟାପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗମ୍ଭାରୀପଦା ଗ୍ରାମରେ ପ୍ରତିଷ୍ଠାଲାଭ କରିଥିବା ସନ୍ଦିପନୀ ଶିଶୁ ବିକାଶ କେନ୍ଦ୍ରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଫଳରେ ଗ୍ରାମାଞ୍ଚଳର କୁନିକୁନି ପିଲାଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ସୃଷ୍ଟି ହୋଇପାରିଛି। ଏହି ବିଜ୍ଞାନ ମେଳାରେ ୨୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇ ଶିକ୍ଷାର୍ଥୀମାନଙ୍କର ବିଜ୍ଞାନ ପ୍ରତି ଥିବା ଆଗ୍ରହ ପରିପ୍ରକାଶ କରିଛି। ବରିଷ୍ଠ ଓ କନିଷ୍ଠ ବିଭାଗରେ ଅଂଶଗ୍ରହଣ କରିଥିବା ଶିକ୍ଷାର୍ଥୀମାନଙ୍କୁ ଅନୁଷ୍ଠାନର ସଭାପତି ବେଣୁଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁରସ୍କୃତ କରାଯାଇଛି। ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ କାକଟପୁର ବ୍ଲକ୍ ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଡ. ରଶ୍ମିତା ସାହୁ, ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ, ସରପଞ୍ଚ ରୀନା ନାୟକ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର, ୱାସିମ୍ ଅକ୍‌ତର୍, ପ୍ରଧାନଶିକ୍ଷକ ବୈକୁଣ୍ଠ ବିହାରୀ ନାୟକ ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରି ପୁରସ୍କୃତ କରିଥିଲେ। ଗମ୍ଭାରୀପଦା ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଆଚାର୍ଯ୍ୟ ପ୍ରକଳ୍ପଗୁଡ଼ିକୁ ଅନୁଧ୍ୟାନ କରି କୃତୀ ବୈଜ୍ଞାନିକମାନଙ୍କୁ ମାର୍କ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦିପ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜ୍ଞାନ ମେଳା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।

### ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ସେମିରେ ଭୁବନେଶ୍ୱର ସାଇ ଇଲେଭେନ୍

ନୟାଗଡ଼/ଭାପୁର,୧୪।୧୨(ସମିସ):

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଗ୍ରାମର ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭୁବନେଶ୍ୱର ସାଇ ଇଲେଭେନ୍ ୟୁପି ଟାଇଗର୍ସକୁ ୧୪୬ ରନ୍‌ରେ ହରାଇ ପ୍ରଥମ ସେମି ଫାଇନାଲ୍‌କୁ ପ୍ରବେଶ କରିଛି। ରବିବାର ପୂର୍ବାହ୍ନରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଲୋକନାଥ ଆଚାର୍ଯ୍ୟ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଓଡ଼ିଶାର ପୂର୍ବତନ ରଣଜୀ ଖେଳାଳି ବସନ୍ତ ମହାନ୍ତି, ବ୍ଲକ୍ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ପୂର୍ବତନ ସରପଞ୍ଚ ବୈକୁଣ୍ଠ ସାହୁ ଏବଂ ଫତେଗଡ଼ ଯୁବକ ସଂଘ ସଭାପତି ତଥା ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ କ୍ୱାର୍ଟର ମ୍ୟାଚ୍‌ରେ ଟସ୍ ଜିତି ୟୁପି ଟାଇଗର୍ସ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ବିପକ୍ଷ ଦଳ ଭୁବନେଶ୍ୱର ସାଇ ଇଲେଭେନ୍ କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୮୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ୟୁପି ଟାଇଗର୍ସ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୮ ଓଭରର ସମସ୍ତ ୱିକେଟ୍ ହରାଇ ମାତ୍ର ୩୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଅମର ଦାଶ ଦୁଇ ଓଭରରେ ୫ ରନ୍ ବ୍ୟୟ କରି ୩ଟି ୱିକେଟ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ସମୟରେ ବସନ୍ତ ମହାନ୍ତି ଉପସ୍ଥିତ ରହି ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ପରିଚାଳନା କରିଥିଲେ ଓସିଏ ଅମ୍ପାୟାର ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି। ଏଥିସହ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ କିରଣ ମନୋହର ମହାନ୍ତି, ବିଭୂତିଭୂଷଣ ସାହୁ, ଇତିପ୍ରକାଶ ସେନାପତି ଏବଂ କିଷାନ ମନୋହର ମହାନ୍ତି। ମ୍ୟାଚ୍ ରେଫରି ଭାବେ ସୁଧୀରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ତୃତୀୟ ଅମ୍ପାୟାର ଭାବେ ସୁଧାଂଶୁ କର ଦାୟିତ୍ୱ ନିଭାଇଥିଲେ। ଭାଷ୍ୟକାର ବୁବୁ ସିହ୍ନା, ସରୋଜ ମହାପାତ୍ର, ଜନ୍ମେଜୟ ଦଳେଇ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଦର୍ଶକ ଏବଂ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ଚିୟର ଗାର୍ଲ, ଡିଜିଟାଲ ସ୍କୋର୍‌ବୋର୍ଡ ଏବଂ ଖେଳର ସିଧା ପ୍ରସାରଣ ବେଶ୍ ଆକର୍ଷଣୀୟ ହୋଇଥିଲା। ସୋମବାର ଦ୍ୱିତୀୟ କ୍ୱାର୍ଟର ମ୍ୟାଚ୍ କୋଲକାତା ଏବଂ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଫତେଗଡ଼ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନଙ୍କଠାରୁ ସୂଚନା ମିଳିଛି।



# ଚାନ୍ଦପୁରରେ ଭେଷଜ ମହାବିଦ୍ୟାଳୟ ଦାବି ଜୋର୍ ଧରିଲା

ଟାଙ୍ଗୀ, ୧୪।୧୨(ସମିସ)



ଚାନ୍ଦପୁର ବସନ୍ତ ମଂଜୁରି ସାଧାରଣ ହସପିଟାଲର କଳେବର ପରିବର୍ତ୍ତନ କରାଯାଇ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ଦାବି ଜୋର ଧରିଲା। ବାରମ୍ବାର ଯଥୋଚିତ ଦାବି ପରେ ଆଜି ଏହି ଡାକ୍ତରଖାନା ପରିସରରେ ଥିବା ଶ୍ରୀରାମ ମନ୍ଦିର ମଣ୍ଡପରେ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅନୁଷ୍ଠିତ ଜରୁରୀ ବୈଠକରେ ରଣପୁର, ଟାଙ୍ଗୀ ଓ ଚିଲିକା ବ୍ଲକର ଦଳମତ ନିର୍ବିଶେଷରେ ବହୁ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱ ଯୋଗଦେଇ ଆହ୍ୱାନ ଦେଇଛନ୍ତି।

ଦିନ ଥିଲା ଚାନ୍ଦପୁର ବସନ୍ତ ମଂଜୁରି ଯକ୍ଷ୍ମା ଚିକିତ୍ସାଳୟକୁ ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଯକ୍ଷ୍ମା ଚିକିତ୍ସାଳୟର ମାନ୍ୟତା ମିଳିଥିଲା। ଏହି ଚିକିତ୍ସାଳୟ ପ୍ରତିଷ୍ଠା ସମୟରେ ରଣପୁର ରାଜମାତା, ଓଡିଶାର ପ୍ରଥମ ସ୍ୱାସ୍ଥ୍ୟମନ୍ତ୍ରୀ ରାଣୀ ବସନ୍ତମଜଂରି ଦେବୀ ୧୧୭ ଏକର ଜାଗା ଯୋଗାଇ ଦେଇ ଥିଲେ ଯାହା ଏବେ ମଧ୍ୟ ବଳବତ୍ତର ରହିଛି। ଆବଶ୍ୟକୀୟ ଭିତ୍ତିଭୂମି ଥିବାରୁ ଏହି ଚିକିତ୍ସାଳୟକୁ ଭେଷଜ ମହାବିଦ୍ୟାଳୟ ର ମାନ୍ୟତା ଦାବି ଜୋର ଧରିଛି। କଟକ ଓ ବ୍ରହ୍ମପୁର ଦୁଇଶହ କିଲୋମିଟର ମଧ୍ୟ ସ୍ଥଳରେ ଚାନ୍ଦପୁର,୧୬ ନମ୍ବର ଜାତୀୟ ରାଜପଥ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଜିଲ୍ଲାକୁ ସଂଯୋଗ କରୁଥିବା ଚାନ୍ଦପୁର ପାରିପାର୍ଶ୍ୱର୍କ, ଆବଶ୍ୟକୀୟ ଭିତ୍ତିଭୂମି ଏପରିକି ଟାଙ୍ଗୀ, ରଣପୁର, ଚିଲିକା ତିନୋଟି ବ୍ଲକର ୬୭ ଟି ପଞ୍ଚାୟତ ସମେତ କଣାସ ବ୍ଲକର ବିଭିନ୍ନ ପଞ୍ଚାୟତ ମଧ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷରେ ନିର୍ଭର କରନ୍ତି। ଦୀର୍ଘ ବର୍ଷର ସ୍ୱପ୍ନ କେବେ ସାକାର ହେବ ଏହା ନେଇ ଆଜି ଅନୁଷ୍ଠିତ ବୈଠକରେ କର ଅବା ମର ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଆବଶ୍ୟକ ସ୍ଥଳେ ହକ୍‌କୁ ନେଇ ଅଦାଲତ ପର୍ଯ୍ୟନ୍ତ ଯିବାକୁ ପଛାଇବୁ ନାହିଁ ,ଆବଶ୍ୟକ ପଡିଲେ ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଯିବାକୁ ପ୍ରସ୍ତୁତ ବୋଲି ମତପ୍ରକାଶ ପାଇଥିଲା। କ୍ରିୟାନୁଷ୍ଠାନ କମିଟି ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ସମାଜସେବୀ ବିଜୟ ମହାପାତ୍ର, ପୂର୍ବତନ ସରପଞ୍ଚ ଅରୁଣ ରଂଜନ ସୁବୁଦ୍ଧି, ଧନେଶ୍ୱର ଅଗ୍ରୱାଲା, ସମାଜସେବୀ ମନୋଜ ଦାସ, ବିପିନ ବିହାରୀ ନାୟକ, ପୂର୍ବତନ ସରପଞ୍ଚ ବିଜୟ କୁମାର ପ୍ରଧାନ, ରଣପୁର ଓକିଲ ସଂଘ ସଭାପତି ଶତ୍ରୁଘ୍ନ ପାଇକରାୟ, ସମାଜସେବୀ ଦୀପକ ସେନାପତି ପ୍ରମୁଖ କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ସମେତ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନରେନ୍ଦ୍ର ଦାସ, ବରିଷ୍ଠ ଆଡଭୋକେଟ ଦିଲ୍ଲୀପ କୁମାର ନନ୍ଦ, ରଣପୁର ସାମ୍ବାଦିକ ସଂଘ ସଭାପତି ସୁକାନ୍ତ ପଟ୍ଟନାୟକ, ସୁକାନ୍ତ ସାହୁ, ସୁଦର୍ଶନ ମାନସିଂହ, ସାମ୍ବାଦିକ ବ୍ରଜ ରଣସିଂହ, ରାଜିବ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ବିଜୟ କେତନ ସାହୁ, ପୂର୍ବତନ ଜିଲ୍ଲାପରିଷଦ ଗଂଗାଧର ପ୍ରଧାନ, ତ୍ରିନାଥ ବିଶ୍ୱାଳ, ପ୍ରଫୁଲ୍ଲ ନାୟକ, ଦଶଦୋଳ କମିଟିର ସଭାପତି ନଥୁମଲ୍ଲ ମହାରାଜୀ, ସ୍ୱର୍ଣ୍ଣ ପ୍ରକାଶ ରାଉତ, ପ୍ରଭାକର ବିଶ୍ୱାଳ, ତ୍ରିଲୋଚନ ସାହୁ, ଅଙ୍କଲ ସିଂ, ସୁଶାନ୍ତ କୁମାର ସିଂ, ଲିଙ୍ଗରାଜ ରଥ, ସଂଗ୍ରାମ ମାର୍ଥା, ସୁରେଶ ପ୍ରଧାନ, ଟାଙ୍ଗୀ ସାମ୍ବାଦିକ ସଂଘ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ରଜନୀକାନ୍ତ ମିଶ୍ରଙ୍କ ସମେତ ଟାଙ୍ଗୀ, ରଣପୁର ଚିଲିକା ବ୍ଲକର ଶତାଧିକ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ଗୋଡ଼ିପଡ଼ା ଟୋଲପ୍ଲାଜାରେ ସଡ଼କ ସୁରକ୍ଷା ସଚେତନତା



ନିରାକାରପୁର, ୧୪।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଗୋଡ଼ିପଡା ପ୍ଲାଜାରେ ଦୁଇ ଦିନ ଧରି ଏକ ସଡ଼କ ସୁରକ୍ଷା ସଚେତନତା ଓ ଯାନବାହାନ ପଛ ପଟେ ରେଟ୍ରୋ ରିଫ୍ଲେକ୍ଟିଭ ଫିତା ଲଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କାଲାର୍କ ଇନଫ୍ରା ଇଞ୍ଜିନିୟର ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଟୋଲ ପ୍ଲାଜା ଦେଇ ଅତିକ୍ରମ କରୁଥିବା ଯାନବାହାନ ଚାଳକ ଓ ଯାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଇ ଗାଡି ପଛ ପାଖରେ ରେଟ୍ରୋ ରିଫ୍ଲେକ୍ଟିଭ ଫିତା ଲଗାଇଥିଲେ। ଏହାଫଳରେ ଗାଡି ପଛରୁ ଆସୁଥିବା ଗାଡ଼ିର ଲାଇଟ୍ ପଡ଼ିଲେ ଆଗରେ କେତେ ଦୂରରେ ଅନ୍ୟ ଗାଡି ଯାଉଛି ତାହା ସହଜରେ ଜଣାପଡ଼ିବ। ଯାହାଦ୍ୱାରା ଦୁର୍ଘଟଣା କମାଇବା ସମ୍ଭବ ହୋଇପାରିବ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀ ମ୍ୟାନେଜର ଦୀପକ କୁମାର ଓ ମାନବ ସମ୍ବଳ ଅଧିକାରୀ ଅମନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଆକ୍ରମଣ ମାମଲାରେ ଅଭିଯୁକ୍ତକୁ ଜେଲ

ବାଲୁଗାଁ,୧୪।୧୨(ସମିସ) : ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ମାମଲାର ବିଚାର କରି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଜରିପଡା ଗ୍ରାମର ଅଭିଯୁକ୍ତ ସାଗର ବେହେରାଙ୍କୁ ଜେଲ ଦଣ୍ଡାଦେଶ ସହ ଜରିମାନା ଆଦାୟ ଶୁଣାଣି କରିଛନ୍ତି। ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡା ଜଗନ୍ନାଥପୁର ଗ୍ରାମର ସାଧୁ ବେହେରା ଗତ ମେ ମାସ ୨୧ ତାରିଖ ଅପରାହ୍ନ ୩ ଘଟିକା ସମୟରେ ଚିଲିକା କୂଳରୁ ଘରକୁ ଫେରୁଥିବା ସମୟରେ ହଠାତ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରାଗ ରଖିଥିବା ଉକ୍ତ ଗ୍ରାମର ସାଗର ବେହେରା ଅନ୍ୟ ୩ ଜଣ ସହଯୋଗୀଙ୍କ ସହ ମିଶି ସାଧୁଙ୍କ ଉପରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଆହତ ହୋଇ ପଡିଥିବା ସାଧୁଙ୍କୁ ପ୍ରଥମେ ଟାଙ୍ଗୀ ଡାକ୍ତରଖାନା ଏବଂ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏନେଇ ଟାଙ୍ଗୀ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସାଗରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଏହି ମାମଲା ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଉକ୍ତ ମାମଲା ବିଚାରଧୀନ ଥିବା ବେଳେ ବର୍ତ୍ତମାନ ମାଜିଷ୍ଟ୍ରେଟ ଦଳେଇ ଉକ୍ତ ମାମଲାର ବିଚାର କରି ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ସାଗରକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡବିଧାନ କରିଛନ୍ତି। ଅଭିଯୁକ୍ତ ସାଗର ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୧୫(୨) ଅନୁଯାୟୀ ୬ ମାସ ଜେଲ ଦଣ୍ଡାଦେଶ, ଧାରା ୧୧୭(୨) ରେ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ୩୦ ହଜାର ଟଙ୍କା ଜୋରିମାନା ଆଦାୟ ଲାଗି ଶୁଣାଣି କରିଛନ୍ତି ବିଚାରପତି। ଜରିମାନା ଅନାଦେୟ ବାବଦକୁ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡିବା ସହ ସବୁ ଦଣ୍ଡ ଗୁଡିକ ଏକ କାଳୀନ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ତତସହିତ ଜରିମାନା ଅର୍ଥରୁ ନଗଦ ୨୦ ହଜାର ଟଙ୍କା କ୍ଷତି ପୂରଣ ବାବଦରେ ଅଭିଯୋଗକାରୀଙ୍କ ପରିବାରକୁ ପ୍ରଦାନ କରାଯିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ପ୍ରଦୀପ୍ତ ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ଏହି ମାମଲା ପରିଚାଳନା କରିଥିଲେ।

## ଭାରତ ଭୂଷଣ ଜଗଦେବଙ୍କୁ ଜ୍ୟୋତିଷ ବିଶିଷ୍ଟ ସମ୍ମାନ

ଟାଙ୍ଗୀ, ୧୪।୧୨ (ସମିସ) : ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଜ୍ୟୋର୍ତିବିଦ ଡ. ଭାରତ ଭୂଷଣ ଜଗଦେବଙ୍କୁ ପୁରୀରେ ଆନ୍ତର୍ଜାତିକ ବେଦିକ ଆଷ୍ଟ୍ରୋଲଜି ଫେଡ଼ରେସନ ତରଫରୁ ଆୟୋଜିତ ଏକ ସମ୍ମିଳନୀରେ ଜ୍ୟୋତିଷ ବିଶିଷ୍ଟ ସମ୍ମାନ ୨୦୨୫ ପ୍ରଦାନ କରାଯାଇଛି। ଏହି ସମ୍ମିଳନୀରେ ଭାରତୀୟ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବାସ୍ତୁବିତ ମନୋଜ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ସମ୍ମାନିତ ଶ୍ରୀ ଜଗଦେବ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀର ସ୍ୱର୍ଗତ ବେଣୁଧର ଜଗଦେବଙ୍କ ପୁତ୍ର।

## ପୋଡ଼ାଡିହ କ୍ଲଷ୍ଟର ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ



ବେଗୁନିଆ,୧୪।୧୨(ସମିସ): ବେଗୁନିଆ ବ୍ଲକ ପୋଡ଼ାଡିହ କ୍ଲଷ୍ଟରର ଶିକ୍ଷକ/ଶିକ୍ଷୟିତ୍ରୀ ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡାଗଡସ୍ଥିତ ମଧୁର ଜଳର ହ୍ରଦ ଅଂଶୁପାର ପ୍ରକୃତି ଉଦ୍ୟାନ ପରିସରରେ ବନ୍ଧୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କ୍ଲଷ୍ଟରର ସଂଯୋଜକ ଦାଶରଥି ପ୍ରଧାନଙ୍କ ଆବାହକତ୍ୱରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଓ କନିଷ୍ଠ ସହାୟକ ବିରଂଚି ନାରାୟଣ ମହାପାତ୍ର ଅତିଥି ଭାବେ ଯୋଗ ଦେଇ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକନେତା ରବୀନ୍ଦ୍ର କୁମାର ସାହୁ, ଶିକ୍ଷକ ସୁରେଶ ଚନ୍ଦ୍ର ସେଠ, ରବୀନ୍ଦ୍ର ମହାପାତ୍ର, ବଟକୃଷ୍ଣ ମଲ୍ଲିକ, ରାଜେଶ ମହାରଣା ନୀଳମଣି ପ୍ରଧାନ, ପଠାଣୀ ସାହୁ, ସମୀର ଚିନରା, ସନ୍ତୋଷ ମହାପାତ୍ର, ଶିକ୍ଷୟିତ୍ରୀ ପ୍ରତିଭାରାଣୀ ମହାପାତ୍ର, ରେଣୁବାଳା ମିଶ୍ର, ସଂଯୁକ୍ତା ପଣ୍ଡା ଓ ସ୍ନେହଲତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## କୁରାଢ଼ମଲ୍ଲ କ୍ରିକେଟ: ସୁଆଙ୍ଗ ଦଳ ଚାମ୍ପିଅନ



ଖୋର୍ଦ୍ଧା,୧୪।୧୨(ସମିସ): ଖୋର୍ଦ୍ଧା ବ୍ଲକ୍ ଅଧୀନସ୍ଥ କୁରାଢମଲ୍ଲ ଠାରେ ଚାଲିଥିବା ରିତା ଟିକିନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଫାଇନାଲ ମ୍ୟାଚ୍ ସୁଆଙ୍ଗ (ଭୁବନେଶ୍ୱର) ଓ ପାନବରଜ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେଇଥିଲା। ପ୍ରଥମେ ପାନବରଜ ଦଳ ବ୍ୟାଟିଂ କରି ୧୨ ଓଭର ଖେଳି ୩ ୱିକେଟ ହରାଇ ୧୬୩ ରନ୍ କରିଥିଲା।ଦଳ ପକ୍ଷରୁ ଜୟଦ୍ୱୀପ ପଟ୍ଟନାୟକ ୩୨ ବଲରୁ ୭୩ ରନ କରିଥିଲେ। ଜବାବରେ ସୁଆଙ୍ଗ (ଭୁବନେଶ୍ୱର) ଦଳ ବ୍ୟାଟିଂ କରି ୧୧ ଓଭର ୪ ୱିକେଟ ବିନିମୟରେ ୧୬୬ ରନ୍ କରିଥିଲା।ଦଳ ପକ୍ଷରୁ ଆଶୁତୋଷ ଦାସ ୧୮ ବଲରୁ ୫୩ ରନ କରି ଦଳକୁ ବିଜୟୀ କରାଇଥିଲେ ଏବଂ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହିତ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି କର୍ଣ୍ଣ ଦ୍ୱୀପ ପଟ୍ଟନାୟକ। ଖେଳକୁ ଝଜ ସାମନ୍ତରାୟ ଓ କମଳ ଜଗଦେବ ପରିଚାଳନା କରିଥିବାବେଳେ ସ୍କୋରର ଜ୍ୟୋତିର୍ମୟୀ ପଟ୍ଟନାୟକ ଓ ଭାଷ୍ୟକାର ଶଶୀଭୂଷଣ ସିଂହ ରହିଥିଲେ। ଆଜିର ଫାଇନାଲ ମ୍ୟାଚ୍‌ରେ ଅତିଥି ଭାବେ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ପୂବତନ ସରପଂଚ ପ୍ରସନ୍ନ କୁମାର ସାମନ୍ତରାୟ, କୃପାସିନ୍ଧୁ ରାଉତ, ଅବିର ପରିଡ଼ା, ପ୍ରେମାନନ୍ଦ କାଳିଆ, ବୈକୁଣ୍ଠ ସାମନ୍ତରାୟ, ଗୋପିନାଥ ମାର୍ଥା ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ବେଗୁନିଆ,୧୪।୧୨(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମର ସ୍ୱର୍ଗତ ଉଦ୍ୟନାଥ ମହାପାତ୍ରଙ୍କ ପତ୍ନୀ ମାଣିକ (୮୧)ଙ୍କ ପରଲୋକ ଘଟିଛି। ସ୍ୱର୍ଗତା ସ୍ଥାନୀୟ ରମାମଣୀ ମହାବିଦ୍ୟାଳୟ ନିର୍ମାଣ ସମୟରେ ସହାୟତା ନିମିତ୍ତ ଗହଣା ବନ୍ଧକ ରଖି ଅର୍ଥ ଯୋଗାଇ ଦେଇଥିଲେ। ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ପୁତ୍ର ପଦ୍ମ ଚରଣ,କିଶୋର ଓ ଜବାହର ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା।

## ସେମିରେ ଜ୍ୟାକବ୍ କ୍ରିକେଟ କ୍ଲବ

ବେଗୁନିଆ,୧୪।୧୨(ସମିସ): ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ଅନ୍ତର୍ଗତ ପତନିବର ଗ୍ରାମରେ ରେନ୍ ବୋ କ୍ରିକେଟ କ୍ଲବ ପକ୍ଷରୁ ୩୧ ତମ ବାର୍ଷିକ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟରଫାଇନାଲମ୍ୟାଚଅନୁଷ୍ଠିତହୋଇଛି। ଏଥିରେ ଚୌଦ୍ୱାର ଜ୍ୟାକବ କ୍ରିକେଟ କ୍ଲବ ଓ ପତନିବର୍ ରେନବୋ କ୍ରିକେଟ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ଜ୍ୟାକବ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୫୮ ରନ ସଂଗ୍ରହ କରିଥିଲା। ଜବାବରେ ପତନିବର ରେନବୋ କ୍ରିକେଟ କ୍ଲବ ୧୩୦ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଜ୍ୟାକବ କ୍ରିକେଟ କ୍ଲବର ସ୍ମୃତି ରଞ୍ଜନ ସ୍ୱାଇଁ ୩୦ ବଲରେ ୮୩ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଅମ୍ପାୟାର ଭାବେ ଭାଗିରଥି ବେହେରା ଓ ମନୋଜ ପାଇକରାୟ ଖେଳ ପରିଚାଳନା କରିଥିବା ବେଳେ ସୁଶିଲ କୁମାର ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ।

## ବ୍ରହ୍ମ ଚେତନା ପରିଷଦର ସେବା କାର୍ଯ୍ୟକ୍ରମ



ନିରାକାରପୁର, ୧୪।୧୨ (ସମିସ): ସ୍ୱେଚ୍ଛାସେବୀ ସଂଗଠନ ବ୍ରହ୍ମ ଚେତନା ପରିଷଦଆନୁକୂଲ୍ୟରେଖୋର୍ଦ୍ଧାବ୍ଲକଅନ୍ତର୍ଗତ ନୃସିଂହନାଥପୀଠ କାୟାଠାରେ ମନ୍ଦିର ବେଢା ଚାରିପଟେ ଆମ୍ବ, ବଉଳ ଓ ନିମ୍ବ ଆଦି ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରାଯିବା ସହିତ ନିକଟସ୍ଥ ପୁଷ୍କରିଣୀରୁ ବିଲାତି ଦଳ ସଫା କରାଯାଇଥିଲା। ପରିଷଦର ସମ୍ପାଦକ କବି ସୁକାନ୍ତ ଚନ୍ଦ୍ର ନନ୍ଦ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ନିକଟସ୍ଥ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ୫୦ଜଣ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ପରିଷଦର କୋଷାଧ୍ୟକ୍ଷ ହୃଷିକେଶ ନନ୍ଦ, ସଭ୍ୟ ବିଶ୍ୱନାଥ ପ୍ରଧାନ, ସଭ୍ୟ ଲଳିତ ମୋହନ ଗୁମାନସିଂହ, ଜନ୍ମେଞ୍ଜୟ, ସୁମିତ୍ରା ଗୁମାନସିଂହ ଓ ସଭ୍ୟ ଅଭିମନ୍ୟୁ ମାର୍ଥା, ମନୋଜ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ୨୫ରେ ତ୍ରିଧାରା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ବେଗୁନିଆ,୧୪।୧୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମ ସ୍ଥିତ ତୃପ୍ତି କଲ୍ୟାଣ ମଣ୍ଡପ ପରିସରରେ ତ୍ରିଧାରା ସାଂସ୍କୃତିକ ପରିଷଦର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବଟି ଚଳିତ ମାସ ୨୫ ରିଖରେ ଆୟୋଜନ ହୋଇଛି। ଏଥିରେ ବିଭିନ୍ନ ଅଞ୍ଚଳର କବି/କବୟିତ୍ରୀ ସ୍ୱରଚିତ କବିତା ପାଠ ଓ ଆଲୋଚନାଚକ୍ରରେଅଂଶଗ୍ରହଣକରିବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

## ୩ ବର୍ଷରୁ ଅଧିକ କାର୍ଯ୍ୟ କରିଥିବା କର୍ମଚାରୀଙ୍କ ହେବ ବଦଳି

ନିରାକାରପୁର, ୧୪।୧୨ (ସମିସ): ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୩ ବର୍ଷରୁ ଅଧିକ କାର୍ଯ୍ୟ କରିଥିବା କର୍ମଚାରୀଙ୍କ ହେବ ବଦଳି। ଏ ବାବଦରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଆଦେଶ ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ଏହି ବିଭାଗରେ ଅଧିକାରୀମାନେ ସରକାରଙ୍କ ନିୟମ ଫୁ କରି ରାଜନୀତିକ ଲୋକଙ୍କୁ ହାତ କରି ଗାଦି ମାଡ଼ି ବସୁଥିଲେ। ଅନେକ କର୍ମଚାରୀ ୩ ବର୍ଷରୁ ଅଧିକ ହେଲେ ମଧ୍ୟ କାର୍ଯ୍ୟ କରି ଆସୁଛନ୍ତି। ସେମାନଙ୍କ ମଧ୍ୟରେ ଏବେ ଭାଳେଣି ପଡ଼ିଲାଣି।

## ବିପୁଳ ମଦ ଜବତ, ମହିଳା ଗିରଫ

ବାଲୁଗାଁ,୧୪।୧୨(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରିକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଓ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ରବିବାର ସକାଳେ ଖୋର୍ଦ୍ଧା, ବାଲୁଗାଁ ଓ ଟାଙ୍ଗୀ ଅବକାରୀ ବିଭାଗ ସହ ବାଣପୁର ପୁଲିସ ଟିମ ମିଳିତ ଭାବେ ବାଣପୁର ଥାନା ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ମାଳ କଟୁଆଳ ଗ୍ରାମ ପାଶ୍ୱର୍ ଜଙ୍ଗଲ ଅଞ୍ଚଳର ଦେଶୀ ମଦ ଭାଟି ଉପରେ ଚଢ଼ାଉ କରିଥିଲେ। ବିପୁଳ ପରିମାଣରେ ଦେଶୀ ମହୁଲି ମଦ ପ୍ରସ୍ତୁତ କରାଯିବା ପାଇଁ ବେଆଇନ ଭାବେ ରଖାଯାଇଥିବା ୨୧ହଜାର ୨ଶହ କେଜି ମହୁଲି ପୋଚ ସହ ୪୭୬୦ ଲିଟର ଦେଶୀ ମହୁଲି ମଦ ଜବତ କରିଥିବା ବେଳେ ଏଥିରେ ସଂପୃକ୍ତ ଜଣେ ମହିଳା ମଦ ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଗିରଫ ମହିଳା ମଦ ବେପାରୀ ଜଣକ ହେଲେ କଟୁଆଳ ଗ୍ରାମର ଡୋମି ଶବର (୪୮) ବୋଲି ଜଣା ପଡିଛି। ଉକ୍ତ ଚଢ଼ାଉ ମୋବାଇଲ ଟିମ ଅଧିକାରୀ ସୁଜିତ ନାଗ, ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ବାରିକ, ବାଲୁଗାଁ ଅବକାରୀ ଏସଆଇ ମିନକେତନ ମହାଲିକ, ଶମ୍ଭୁନାଥ ପାତ୍ର, ସଂଜୟ ରାଉତ, ସିପାହୀ ଅନିଲ ପ୍ରଧାନ, ମନୋଜ ଜୟସି. ଅଶେଷ ପ୍ରଧାନ, ରଂଜିତ ପଟେଲ, ସୁନିତା ମହାରଣା% ଶସ୍ମିତା ସେଠୀ ପ୍ରମୁଖ ସାମିଲ ହୋଇଥିଲେ।



## ରକ୍ତଦାନ ଶିବିର: ୧୦୪ ୟୁନିଟ ସଂଗୃହୀତ

ବେଗୁନିଆ,୧୪।୧୨(ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପତିତପାବନ ଯୁବକ ସଂଘ ପକ୍ଷରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରୁ ମୋଟ ୧୦୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଏଥିରେ ଡ଼ାକ୍ତର ମଧୁ ସୂଦନ ସୁବୁଦ୍ଧି, ଓଡ଼ିଶା ରକ୍ତ ଭଣ୍ଡାର ଖୋର୍ଦ୍ଧା କାର୍ଯ୍ୟାଳୟର କାଉନସେଲର ଲକ୍ଷ୍ମୀପ୍ରିୟା ପ୍ରଧାନ, ଲାବଟେକନିସିଆନ ଅରୁଣ ସାହୁ ଓ ଷ୍ଟାଫନର୍ସ ଝାନସୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ନୂଆସାହି ସ୍ଥିତ ଜଗନ୍ନାଥ ମନ୍ଦିର କମିଟିର ସଭାପତି ଦିନବନ୍ଧୁ ଦାଶ, ସମ୍ପାଦକ ଭାଗିରଥି ପରିଡ଼ା, ଯୁବକ ସଂଘ ଉପଦେଷ୍ଟା ଦିବାକର ସାହୁ, ସଭାପତି ରଶ୍ମି ଚାନ୍ଦ କର, ଉପସଭାପତି ବିଶ୍ୱ ରଞ୍ଜନ ଦାସ, ସମ୍ପାଦକ ଗଙ୍ଗାଧର ମାର୍ଥା, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ଓ ରବି ନାରାୟଣ ଦଳେଇ ଉପସ୍ଥିତ ଥିଲେ।

# ବିଜେବି ଉଚ୍ଚ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ଦିବସ




ଖୋର୍ଦ୍ଧା,୧୪।୧୨(ସମିସ): ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଏନସିସି, ସ୍କାଉଟ ଆଦି ପିଲାମାନଙ୍କ ଦ୍ୱାରା ଶକ୍ତି ସଂରକ୍ଷଣ ସମ୍ବନ୍ଧରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ପରେ ବିଦ୍ୟାଳୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି ଯୋଗଦେଇ ଆଜିର ସମୟରେ କିପରି ବହୁ ପରିମାଣରେ ଶକ୍ତିର ଅପଚୟ ହେଉଛି ଏବଂ କିପରି ଏହାର ସଂରକ୍ଷଣ କରାଯାଇ ପାରିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିଭୁ ପ୍ରସାଦ ପଣ୍ଡା, ଚନ୍ଦ୍ରକାନ୍ତ ଦାସ ଓ ଶ୍ରୀରାମ ଭୂୟାଁ ଏହି ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହା ବ୍ୟତୀତ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ଉତ୍ସବରେ ବିଦ୍ୟାଳୟର ଛାତ୍ର ସିଦ୍ଧି ଶେଖର ଛୋଟରାୟ ଖୋର୍ଦ୍ଧା ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ତ୍ରିପାଠୀ ଖୋର୍ଦ୍ଧା ଜିଲ୍ଲା ତରଫରୁ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ମଡେଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତାଙ୍କର ମଡେଲଟି ବିଚାରକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଶକ୍ତି ସଂରକ୍ଷଣ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ବିଭିନ୍ନ କ୍ଲଷ୍ଟରରେ ଶିକ୍ଷା ସଚେତନତା ସଭା

ଖୋର୍ଦ୍ଧା,୧୪।୧୨(ସମିସ)



କୌଣସି କାରଣ ବଶତଃ ବିଦ୍ୟାଳୟକୁ ଯାଇପାରୁ ନଥିବା ପିଲାଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତ ସହିତ ଯୋଡିବା ପାଇଁ ଜନ୍ମ ରୁ ୧୮ ବର୍ଷ ବୟସର ସମସ୍ତ ପିଲାଙ୍କର ଘର ଘର ବୁଲି ଏକ ସର୍ବେକ୍ଷଣ କରାଯାଇଛି। ଏହାକୁ ଆଧାର କରି ରାଜ୍ୟସ୍ତରୀୟ ଅଭିଯାନ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବାବେଳେ ଏହି ଅଭିଯାନ ମାଧ୍ୟମରେ ୫+ ରୁ ୧୮ ବର୍ଷ ବୟସରେ ପ୍ରତ୍ୟେକ ପିଲାଙ୍କୁ ଶିକ୍ଷା ର ମୁଖ୍ୟସ୍ରୋତରେ ସାମିଲି କରିବାର ଲକ୍ଷ୍ୟ ରଖାଯାଇଛି। ଏଥିସହିତ ଏହି ଅଭିଯାନ ମାଧ୍ୟମରେ ସେମାନଙ୍କୁ ଗୁଣାତ୍ମକ, ଅନ୍ତର୍ନିର୍ବେଶୀ ଏବଂ ଆନନ୍ଦଦାୟକ ଶିକ୍ଷା ସୁନିଶ୍ଚିତ କରିବା, ବିଦ୍ୟାଳୟରେ ୧୦୦% ନାମ ଲେଖା ସୁନିଶ୍ଚିତ କରିବା ନେଇ ଲକ୍ଷ୍ୟ ରଖାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ବିଭିନ୍ନ କ୍ଲଷ୍ଟରରେ ଶିକ୍ଷା ସଚେତନତା ସଭା କରାଯାଇ ଅଭିଭାବକମାନଙ୍କୁ ସଚେତନତା କରାଯାଉଛି।

ଏହି କ୍ରମରେ ନରଣଗଡ଼ ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜଗନ୍ନାଥପୁର ହାଡ଼ପଦା ଠାରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପରିଚାଳନା କମିଟିର ଉପସଭାପତି ପ୍ରଭାତୀ ମାର୍ଥାଙ୍କ ସଭାପତିତ୍ୱରେ ମୁଖ୍ୟ ସଂଯୋଜକ ଭାବରେ ସିଆରସିସି ରାଜୀବ ଚରଣ ମହାପାତ୍ର ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଦାସ ଯୋଗଦେଇ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ମହତ୍ୱ ବିଷୟରେ ଆଲୋଚନା କରିଥିଲେ। କ୍ଲଷ୍ଟର ୧୦ଟି ବିଦ୍ୟାଳୟରୁ ଆସିଥିବା ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ପଂଚସଖା ଶିକ୍ଷା ସେତୁର ସଭ୍ୟସଭ୍ୟା, ବୁଦ୍ଧିଜୀବୀ ପିତାମାତା ଓ ଅଭିଭାବକ ଯୋଗଦେଇଥିଲେ।

ସେହିପରି ଫରେଷ୍ଟ କଲୋନୀ କ୍ଲଷ୍ଟରର ଭାଲିଆବାଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସିଆରସିସି ରେବତୀ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସବିତାରାଣୀ ଛୁଆଳସିଂହଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଉକ୍ତ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସ୍ମିତା ମିଶ୍ର ଏବଂ ସମ୍ମାନିତ ଅତିଥି ଭାବରେ ବଦ୍ରୀ ନାରାୟଣ ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ପଲ୍ଲାର ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ମହାକୁଡ଼ ଯୋଗଦେଇଥିଲେ।

